

BANSIDHAR & ILA PANDA FOUNDATION

ଆବେଗର ସୁତା ଖିଅ

ସମୃଦ୍ଧି ଓ ସହଭାଗିତାର ଯାତ୍ରା

...୧୫

ବର୍ଷର ସାର୍ଥକ ସାମୂହିକ ପ୍ରୟାସ

BANSIDHAR & ILA PANDA
FOUNDATION











ଏହି ବହି ସମ୍ପର୍କ ଓ ସଂପୃକ୍ତିର ଏକ ଦସ୍ତାବିଜ ଅଟେ ।

କେବଳ ଯୋଜନା ଓ ପ୍ରକଳ୍ପମାନଙ୍କ ଜ୍ରମିକତା ପାଇଁ ନୁହେଁ, ଏହା ଭରସା, ସାମାଜିକ ପ୍ରତିବଦ୍ଧତା ଏବଂ ସହଭାଗିତା ଆଧାରରେ ସମ୍ଭବ ହୋଇଥିବା ନିରନ୍ତର ପରିବର୍ତ୍ତନର ଏକ ଦଲିଲ୍ ଏବଂ ମୂଲ୍ୟବୋଧ ଭିତ୍ତିକ ପ୍ରଗତିର ପ୍ରତିଲିପି ଅଟେ ।

ଶୈଫାଲିକା ପଣ୍ଡା, ପ୍ରତିଷ୍ଠାତା, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (BIPF)



ସୂତାର ପ୍ରଥମ ଖିଅ

BANSIDHAR & ILA PANDA FOUNDATION

कर्मणैव हि संसिद्धिमास्थिता जनकादयः।
लोकसंग्रहमेवापि संपश्यन्कर्तुमर्हसि॥

"ନିଷ୍କାମ କର୍ମ ହିଁ ସିଦ୍ଧି ପ୍ରାପ୍ତିର ମାର୍ଗ ଅଟେ। ଜଗତ
କଲ୍ୟାଣ ଉଦ୍ଦେଶ୍ୟରେ ତୁମେ ନିଜର କର୍ତ୍ତବ୍ୟ କର।"
ଭଗବତ ଗୀତା, ତୃତୀୟ ଅଧ୍ୟାୟ, ବିଂଶତମ ଶ୍ଲୋକ



୧୯୬୧

ଆମ ଇତିହାସ ଆରମ୍ଭ ହୁଏ ୧୯୬୧ ମସିହାରୁ, ଯେତେବେଳେ ଡଃ ବଂଶୀଧର ପଣ୍ଡା ଓ ଇଲା ପଣ୍ଡା ସେମାନଙ୍କ ଜନ୍ମମାଟିକୁ ଫେରିଆସନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ସ୍ଥାନୀୟ ଲୋକମାନଙ୍କ କୌଶଳ ବିକାଶ ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା।

ଯେତେବେଳେ ସେମାନେ ରାୟଗଡ଼ା ଜିଲ୍ଲା (ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲା) ର ଥେରୁବାଲି ଠାରେ Indian Metals and Ferro Alloys (IMFA) ପ୍ରତିଷ୍ଠା କଲେ, ସେମାନେ ଭଗବତ ଗୀତାର ତୃତୀୟ ଅଧ୍ୟାୟର ବିଂଶତମ ଶ୍ଲୋକ ଦ୍ୱାରା ଉଦବୁଦ୍ଧ ହୋଇ ଜଗତ କଲ୍ୟାଣ ନିମନ୍ତେ ସମର୍ପିତ ହେବାର ମହତ ଉଦ୍ଦେଶ୍ୟକୁ ଅନୁସରଣ କଲେ। ଥେରୁବାଲିରେ IMFA ର ପ୍ରାରମ୍ଭିକ କାର୍ଯ୍ୟ ସମୟରେ ସେଠାରେ ଏକ CBSE English Medium School, Industrial Training Centre, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କଲେ ଏବଂ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଲେ। ଏଠାରୁ ଆରମ୍ଭ ହେଲା ସମ୍ପର୍କର ପ୍ରଥମ ସୂତା ଖିଅ। ଯେତେବେଳେ IMFA ଦେଶର ସର୍ବବୃହତ Ferro Alloys ଉତ୍ପାଦକ ଭାବେ ମାନ୍ୟତା ପାଇଲା, ସେତେବେଳେ ଏହାର ସାମାଜିକ ପ୍ରତିବଦ୍ଧତା, ଗୋଷ୍ଠୀ ଉନ୍ନୟନ ଏବଂ ସାମାଜିକ ବିକାଶର ଧାରା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଗାମୀ ଦଶନ୍ଧି ପାଇଁ ପହଞ୍ଚି ପାରିଲା।

୨୦୧୧

ପ୍ରତିଷ୍ଠାତାଙ୍କ ମହତ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହୋଇ ସାମାଜିକ ଦାୟିତ୍ୱ ଓ ମାନବିକ ମୂଲ୍ୟବୋଧକୁ ପାରିବାରିକ ସ୍ତରରେ ସାମିଲ କରିବା ସହିତ, ସମ୍ମିଳିତ ବିକାଶ ଓ ମୂଲ୍ୟବୋଧ ଆଧାରରେ ୨୦୧୧ ରେ ପ୍ରତିଷ୍ଠା ହେଲା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍। ଉଦ୍ୟୋଗ ସହିତ ଜୀବିକା ଓ ଜୀବନକୁ ସାମର୍ଥ୍ୟ ଦେବାର ଉଦ୍ଦେଶ୍ୟ ରଖି ଏହା ନିରନ୍ତର ପ୍ରଗତି ଦିଗରେ କାର୍ଯ୍ୟ ଜାରି ରଖିଲା।



ସାମାଜିକ ଓ ଅର୍ଥନୈତିକ ଉତ୍ଥାନରେ ସହଭାଗିତାକୁ BIPF ପ୍ରାଧାନ୍ୟ ଦେଲା। ସମ୍ବେଦନା, ସହନଶୀଳତା ଓ ଆତ୍ମନିର୍ଭରଶୀଳତାକୁ ଭିତ୍ତିକରି BIPF ଅବହେଳିତ ଲୋକଙ୍କ ପାଖରେ ପହଞ୍ଚିଲା ଓ ସେମାନଙ୍କ ସାମର୍ଥ୍ୟ ବୃଦ୍ଧିରେ ସହଯୋଗର ହାତ ବଢ଼ାଇଲା। ଏହା କେବଳ ଉତ୍ତରାଧିକାର ସୂତ୍ରରେ ନୁହେଁ ବରଂ କରୁଣା ଓ ପ୍ରତିବଦ୍ଧତାକୁ ପୁଞ୍ଜି କରି ନୂତନ ପିଢ଼ିକୁ ସାମର୍ଥ୍ୟ ଦେବାରେ ଏବଂ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ଅବିରତ କାର୍ଯ୍ୟକଲା।

ଆମେ BIPF ର ପଞ୍ଚଦଶ ସ୍ୱନକ୍ଷତ୍ର ପାଳନ କରିବା ଅବସରରେ "ଆବେଗର ସୂତା ଖିଅ" (Threads of belonging):
ସମୃଦ୍ଧି ଓ ସହଭାଗିତାର ଯାତ୍ରା, ଆମର ମୂଳ ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି। ଏହାର ପ୍ରଥମ ସତ୍ର "ସମ୍ପୃକ୍ତିର ସୂତା" (Connected Threads) ଆମର ସମ୍ମିଳିତ ଉଦ୍ୟମ ଏବଂ "ସମ୍ପର୍କର ରୁମାଲ" (a Common Fabric) ଆମର ନିରନ୍ତର ଯାତ୍ରାର କାହାଣୀକୁ ସନ୍ନିବେଶିତ କରିଛି।
ଆମର ସାମ୍ପୃହିକ ଯାତ୍ରାର ଲକ୍ଷ୍ୟ ହେଉଛି
- "ଜୀବନକୁ ସାମର୍ଥ୍ୟ ଦେବା"।

..... ଶୈଫାଲିକା ପଣ୍ଡା, ପ୍ରତିଷ୍ଠାତା

୧୫ ବର୍ଷର ଏହି ଯାତ୍ରା ମୋତେ ଯଥେଷ୍ଟ ପରିବର୍ତ୍ତନ କରିପାରିଛି ।



ଆମେ ଯେଉଁ ପୃଥିବୀରେ ରହୁ ସେଠି ଅସଂଖ୍ୟ ଲୋକଙ୍କ ଜୀବନକୁ ଗଢ଼ିତୋଳିବାର ବାସ୍ତବତାକୁ ନେଇ ମୋର ସନ୍ଦେହ ଥିଲା । **ହେଲେ ଆମେ ଯେଉଁ ରାସ୍ତା ବାଛିଲୁ ତାହା ହୁଏତ ସହଜ ନ ଥିଲା, ବରଂ ଗଭୀର ମାନବିକତାର ରାସ୍ତା ଥିଲା** । କ୍ଷେତ୍ର ପରିଦର୍ଶନ ସମୟରେ ଆମେ ଯେଉଁ ଘାତ ପ୍ରତିଘାତର ସାମ୍ନା କରିଛୁ, ପ୍ରତି ମୁହୂର୍ତ୍ତରେ ମୁଁ ଶିଖିଛି ଯେ ସମ୍ପର୍କର ସୂତା ଖିଅ କେମିତି ଆତ୍ମୀୟକୁ ସମ୍ମୁଖୀନ ହେବାରେ ସହାୟକ ହୁଏ । ପ୍ରକୃତ ବିକାଶ ଓ ପ୍ରଗତି କ'ଣ ତାହା ମୋର ହୃଦ୍‌ବୋଧ ହୋଇଛି ।



ଜନଜାତି ଅଞ୍ଚଳରେ ବୁଲିଲା ବେଳେ, କାହା ଅଗଣାରେ ବସିବା ବେଳେ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲାବେଳେ ମୁଁ ଅନେକ ବୈଷମ୍ୟର ସାମ୍ନା କରିଛି । ଏହା ସତ୍ତ୍ୱେ ମୁଁ ଦେଖିଛି ଅସାଧାରଣ ସହନଶୀଳତା, ଆତ୍ମସମ୍ମାନ ଓ ସଚ୍ଚୋଟ ମଣିଷ ପଣିଆ; ଯେଉଁଠି ବିଭିନ୍ନ ବର୍ଗର ଲୋକେ ଆମର ପ୍ରତିଶ୍ରୁତିକୁ ଅପେକ୍ଷା ନ କରି ଅତି ଆତ୍ମୀୟତାର ସହିତ ଆମକୁ ସ୍ୱାଗତ କରିଛନ୍ତି । ଜନଜାତିର ପାରମ୍ପାରିକ ସ୍ୱାଗତ ଉତ୍ସବ ତାଙ୍କ ଭଲପାଇବାର ପ୍ରତିଫଳନ । **ଏହା ମୋର ଅନୁଭବ ହୋଇଛି ଯେ, ସମାଧାନର ପନ୍ଥା ଲଦି ଦିଆଯାଏନା ବରଂ ସମ୍ମିଳିତ ଭାବେ ସ୍ଥିର କରାଯାଏ ।**

ପରିବେଶ ବିକାଶକୁ ମଜଭୁତ କରିବାର ପ୍ରୟାସ ମୋତେ ଅନୁପ୍ରାଣିତ କରିଛି । **ମୋର ହୃଦବୋଧ ହୋଇଛି, ପ୍ରକୃତ ପରିବର୍ତ୍ତନ ଉପଭୋକ୍ତା ମାନଙ୍କୁ ପରିବର୍ତ୍ତନର ସୂତ୍ରଧର କରିବାରେ ଆସେ ।** ମହିଳାଙ୍କ ସହିତ ମିଳିମିଶି କାମ କଲାବେଳେ ତାଙ୍କର ଗଭୀର ଆତ୍ମବିଶ୍ୱାସ ଆମକୁ ପ୍ରେରଣା ଦେଇଛି, ତାଙ୍କ ଆଖିରେ ବିଶ୍ୱାସର ଝଲକ ଏବଂ ଓଠରେ କୃତଜ୍ଞତାର ସ୍ମିତହାସ୍ୟ ଆମ ପାଇଁ ଯଥେଷ୍ଟ ପୁରସ୍କାର ।

ନାରୀକୈନ୍ଦ୍ରିକ ଯୋଜନା, ବିଶେଷ କରି ଅର୍ଥନୈତିକ ସଶକ୍ତିକରଣ ମତେ ଅନୁଭବ ଦେଇଛି , ଖାଲି ପାରିବାରିକ ସଂପୃକ୍ତି ନୁହେଁ ବରଂ ସାମାଜିକ ସଂପୃକ୍ତି କେତେ ଗୁରୁତ୍ୱପୂର୍ଣ୍ଣ ।

ସେମାନଙ୍କ ଆଖିରେ ବିଶ୍ୱାସର ଝଲକ ଏବଂ ଓଠରେ କୃତଜ୍ଞତାର ସ୍ମିତହାସ୍ୟ ଆମ ପାଇଁ ଯଥେଷ୍ଟ ପୁରସ୍କାର ।



ନାରୀକୈନ୍ଦ୍ରିକ ଯୋଜନା, ବିଶେଷ କରି ଅର୍ଥନୈତିକ ସଶକ୍ତିକରଣ ମତେ ଅନୁଭବ ଦେଇଛି , ଖାଲି ପାରିବାରିକ ସଂପୃକ୍ତି ନୁହେଁ ବରଂ ସାମାଜିକ ସଂପୃକ୍ତି କେତେ ଗୁରୁତ୍ୱପୂର୍ଣ୍ଣ । ଏକାଠି ବସିବା, ବୁଲିବା ଓ ମିଳିମିଶି ସବୁ ପରିସ୍ଥିତିର ସାମ୍ନା କରିବା ଆଗାମୀ ପିଢିକୁ ସମାଧାନର ବାଟ ଦେଖାଇଛି । ସେହି ମହିଳାମାନେ ଏବେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରୁଛନ୍ତି । ତାଙ୍କ ପିଲାମାନଙ୍କ ପାଇଁ ସ୍ୱାସ୍ଥ୍ୟ , ଶିକ୍ଷା ଓ ଦକ୍ଷତା ବିକାଶର ସୁଯୋଗ ନେଇ ପାରୁଛନ୍ତି । **ଦାରିଦ୍ର୍ୟ ଓ ପୁରୁଷପ୍ରଧାନ ମାନସିକତାରୁ ବାହାରି ସେମାନେ ନିଜର ମତ ରଖିପାରୁଛନ୍ତି ।**

କିଶୋର ଅବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟସେବା, ରକ୍ତହୀନତା ବାବଦରେ ସଚେତନତା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହ ପ୍ରାୟତଃ ହାତଧରି ବାଟ କଢେଇବାର ଅବକାଶ ଖୋଜେ । **ଜୀବନର ସଂକଟ ସମୟରେ ସେମାନଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ କେବଳ ସଚେତନ କରିବା ନୁହେଁ ବରଂ ସହଭାଗିତା ମାଧ୍ୟମରେ ଜୀବନକୁ ସାମର୍ଥ୍ୟ ଦେବା ବଡକଥା । ଅଳ୍ପ ବୟସର ଝିଅମାନେ ନିର୍ଦ୍ଧୀକତାର ସହ ପ୍ରଶ୍ନ ପଚାରିପାରୁଛନ୍ତି ଏବଂ ସେମାନଙ୍କ ଆଶା, ଆକାଂକ୍ଷା ଓ ଲକ୍ଷ୍ୟ ବାବଦରେ ମନ ଖୋଲି କହି ପାରୁଛନ୍ତି, ଏହା ମତେ ଅଭିଭୂତ କରିଛି ।**





ସେହି ମୁହୂର୍ତ୍ତ ଆସେ ଯେତେବେଳେ ପରିବର୍ତ୍ତନର ସୂତ୍ରଧର ମାନଙ୍କୁ ଏବଂ ଅଜଣା ପଥକୁ ଯାଇ ନିଜ ଉପସ୍ଥିତିକୁ ଜାହିର କରୁଥିବା ଲୋକମାନଙ୍କୁ ଭେଟିବାର ସୁଯୋଗ ମିଳେ । ସେହି ମହିଳା ମାନେ ପୁରୁଷ ପ୍ରଧାନ ସମାଜରେ ନିଜ ସ୍ୱରକୁ ବେଶ ଶାଣିତ କରିବାର ସାହସ ନେଇ ଆସନ୍ତି । ଏହା ଆମକୁ ନାରୀଶକ୍ତିର ସାମର୍ଥ୍ୟ ସହ ପରିଚିତ କରାଏ । **IMFA ଓ BIPF ଏହିଭଳି ସୁଯୋଗ ଓ ଭିତ୍ତିଭୂମି ତିଆରି କରିବା ଲାଗି ବଦ୍ଧପରିକର, ଯାହା ମହିଳା ମାନଙ୍କୁ ସମାନତା, ସୁରକ୍ଷା ଓ ଗଭୀର ଆତ୍ମବିଶ୍ୱାସ ପାଇଁ ପ୍ରେରଣା ଯୋଗାଇବ ।**

ଏହି ବହିଟି କେବଳ ଯୋଜନା ଓ ପ୍ରକଳ୍ପମାନଙ୍କୁ କ୍ରମିକତା ଦେବାପାଇଁ ନୁହେଁ, ଏହା ଘନିଷ୍ଠ ସଂପୃକ୍ତିର ଏକ ଦସ୍ତାବିଜ, ସମୃଦ୍ଧି ଓ ସହଭାଗିତାର ମୁହୂର୍ତ୍ତମାନଙ୍କର ବିବରଣୀ । ଏହା ମୂଲ୍ୟବୋଧ ଭିତ୍ତିକ ବିକାଶର ସ୍ମୃତିଲିପି । ଉପଯୁକ୍ତ ସୁଯୋଗ ପାଇଲେ ସେମାନେ କିପରି ଜଳ୍ପନାତୀତ ଭାବେ ନିଜର ଭବିଷ୍ୟତ ଗଢିପାରନ୍ତି, ତା'ରି ନିବନ୍ଧ । **ଯେଉଁମାନେ ଏହି ମହାର୍ଘ ଯାତ୍ରାରେ ସାମିଲ, ସେମାନଙ୍କ ପାଖରେ ମୁଁ ଋଣୀ ।**



ସଂପୃକ୍ତିର ସୂତା

BANSIDHAR & ILA PANDA
FOUNDATION

ଫାଉଣ୍ଡେସନ୍ ମୁଖ୍ୟତଃ ଦୀର୍ଘସ୍ଥାୟୀ ଉନ୍ନତିମୂଳକ କାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ବିକାଶ ଓ ସମୃଦ୍ଧିର ଅଭିଯାନରେ ନିଜକୁ ସାମିଲ କରିଛି। ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାର ସୁଯୋଗ ସୃଷ୍ଟି କରିବାରେ ଆପଣଙ୍କ ଦୂରଦୃଷ୍ଟି ଅନନ୍ୟ ଉଦାହରଣ ତିଆରି କରିପାରିଛି।

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓଙ୍କ ସହିତ
ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା, ଚୌଦ୍ୱାର

SHRI KANAK VARDHAN SINGH DEO
DEPUTY CHIEF MINISTER
Agriculture & Farmers' Empowerment, Energy

Telephone | 0674-2536962 (O)
0674-2390051 (O)
0674-2391560 (Res.)

D.O. No. ...../DCMAFE&E.

BHUBANESWAR
Date 30.01.2026

Message

It gives me immense pleasure to know that the Bansidhar & Ila Panda Foundation's (BIPF) is publishing its 15-Year Commemorative Coffee Table Book. BIPF, the CSR arm of Indian Metals & Ferro Alloys (IMFA), has been a beacon of inclusive and sustainable development in Odisha, empowering underserved communities through quality education, healthcare, skill building, women's empowerment, and water & sanitation initiatives. Your unwavering commitment to fostering self-reliant and resilient communities has inspired meaningful social transformation across the state.

Over the past 15 years, BIPF's deep community engagement and strategic partnerships have strengthened access to essential services and livelihood opportunities, enabling individuals and communities to thrive. The Foundation's focus on long-term impact has turned aspirations into tangible progress, making Odisha's development journey more equitable and sustainable. Your vision of empowering people with opportunities has set a remarkable example of corporate social responsibility in action.

I congratulate BIPF on completing 15 years of dedicated service and wish the Foundation continued success in its noble endeavours. May your initiatives keep uplifting the lives of the marginalized and drive Odisha towards greater prosperity and self-reliance. Your message will undoubtedly enrich the narrative of BIPF's inspiring journey and motivate future generations to carry forward this legacy of compassion and development.

(K.V. Singh Deo)

SMT. PRAVATI PARIDA
DEPUTY CHIEF MINISTER
Women & Child Development, Mission Shakti, Tourism.

Telephone :
PBX No. :
Mobile No. :

D.O. No. ...../DCMWCDMST.

BHUBANESWAR
Date 03/02/2026

MESSAGE

I am glad to know that Bansidhar & Ila Panda Foundation (BIPF) is bringing out a Coffee Table Book to mark the 15 years of committed work in the field of social service.

Inclusive development is necessary for sustainable development and equitable distribution of wealth and prosperity. It is praiseworthy that CSR arm of the Indian metals and Ferro Alloys (IMFA) is focusing on need-based initiatives aligned with the national priorities such as quality education, health care, skill building and livelihoods, women's empowerment and water and sanitation.

I hope, the strategic and integrated approach by the BIPF will execute the social agenda so that the Government's efforts to alleviate its social and environmental problems can be supported.

I congratulate all associated with BIPF and wish the publication of Coffee Table Book all success.

(Pravati Parida)

ଦେଶର ବିକାଶକୁ ପ୍ରାଥମିକ ଗୁରୁତ୍ୱ ଦେଇଆସିଥିବା IMFA ର ସମାଜ କଲ୍ୟାଣ ଶାଖା BIPF ର ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, କୌଶଳ ବିକାଶ ଓ ନାରୀ ସଶକ୍ତିକରଣ କ୍ଷେତ୍ରକୁ ଅବଦାନ ପ୍ରଶଂସନୀୟ।

ଶ୍ରୀମତୀ ପ୍ରଭାତୀ ପରିଡ଼ା
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସହିତ
ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା, ଭୁବନେଶ୍ୱର



ଶ୍ରୀଯୁକ୍ତ ସୁବ୍ରତ ବାଗ୍‌ଚୀ, ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ,
BIPF ଦକ୍ଷତା କେନ୍ଦ୍ର, ଚୌଦ୍ୱାର, ଜୁଲାଇ ୨୦୧୭

ଡଃ ବଂଶୀଧର ପଣ୍ଡା ଓ ଶ୍ରୀମତୀ ଇଲା ପଣ୍ଡାଙ୍କୁ ମୁଁ ପ୍ରଥମେ ଭେଟିଲି ଯେବେ ମତେ ପନ୍ଦର ବର୍ଷ ହୋଇଥିଲା । ଏହା ୧୯୭୨ ମସିହାର କଥା । IMFA ପ୍ରତିଷ୍ଠା କରିଥିବା ଯୁବ ଦମ୍ପତି ଭାବେ ସେମାନେ ଖୁବ୍ ସଫଳ ଥିଲେ । ଯାହା ମତେ ବେଶୀ ପ୍ରଭାବିତ କରିଥିଲା ତାହା ସେମାନଙ୍କର ବସ୍ତୁବାଦୀ ସଫଳତା ନୁହେଁ, ବରଂ ଅନ୍ୟଜିନ୍ଷି , ଯାହା କ୍ୱଚିତ ଦେଖିବାକୁ ମିଳେ । ତାହା ଥିଲା ତାଙ୍କର ସ୍ୱଭାବଗତ ସମ୍ବେଦନଶୀଳତା ଓ ବିଶ୍ୱକୁ ସମ୍ମିଳିତ ଦେଖିବାର ଦୃଷ୍ଟିକୋଣ । ସେବେ ମୋର ଅନୁଭବ ହୋଇଥିଲା, ଉଦ୍ୟୋଗ ଉର୍ଦ୍ଧ୍ୱରେ ମଧ୍ୟ ବଞ୍ଚିବାର ମହତ ଉଦ୍ଦେଶ୍ୟ ଥାଏ ।

ମୁଁ ବଡ ହେବା ସାଙ୍ଗେ ଦେଖିଲି ଏ ମହତ ଉଦ୍ଦେଶ୍ୟ କିପରି ଭିନ୍ନ ବାଗରେ ପରିପ୍ରକାଶ ହୋଇପାରେ । ଏହାର ଅନନ୍ୟ ଉଦାହରଣ ଥିଲା ଶାରଳା ପୁରସ୍କାରର ପରିକଳ୍ପନା । ସେତେବେଳେ “Corporate Social Responsibility” ଭଳି ଶବ୍ଦ ଆମ ଦୈନନ୍ଦିନ ଚର୍ଚ୍ଚାକୁ ଆସିନଥିଲା । ପଣ୍ଡା ପରିବାରର ବଦାନ୍ୟତା କେବଳ କୃତଜ୍ଞତା ଅବା ଖ୍ୟାତି ଓ ପ୍ରସିଦ୍ଧି ପାଇଁ ନ ଥିଲା, ବରଂ ଏହା ଥିଲା ତାଙ୍କ ମୂଲ୍ୟବୋଧର ପରିପ୍ରକାଶ । ସେମାନେ ବୁଝିଥିଲେ ଯେ କୌଣସି ଉଦ୍ୟୋଗର ଅର୍ଥ ଥାଏ ଯଦି ଏହାର ମାଟି, ମଣିଷ ଓ ସାମାଜ ସହ ଘନିଷ୍ଠ ସଂପୃକ୍ତି ରହିଥାଏ ।

ସବୁପରେ ବି ଜୀବନର ନିଜ ନିଷ୍ପତ୍ତି ଥାଏ । ଓଡ଼ିଶା ସହିତ ମୋର ସଂପୃକ୍ତି ଧୀରେ ଧୀରେ ଫିକା ପଡିବା ଆରମ୍ଭ ହେଲା ଯେବେ ମତେ ତାରି ଦଶନ୍ଧି ପାଇଁ ଆମେରିକା ଯିବାକୁ ପଡିଲା । ଘଟଣାକ୍ରମେ ମୁଁ ବିଦେଶରୁ ଫେରି ଓଡ଼ିଶା ସରକାରଙ୍କ Odisha Skill Development Authorityର Chairman ଭାବେ ଯୋଗଦେଲି । ସେତେବେଳକୁ ଶ୍ରୀମତୀ ପଣ୍ଡାଙ୍କ ଦେହାନ୍ତ ହୋଇ ସାରିଥିଲା ଏବଂ ଡଃ ପଣ୍ଡା ତାଙ୍କ ଜୀବନର ଅପରାହ୍ନରେ ଥିଲେ । ଯାହା ମତେ ପ୍ରଭାବିତ କଲା ତାଙ୍କ ଜୀବନରେ ମାନବିକ ମୂଲ୍ୟବୋଧକୁ ସଶ୍ରଦ୍ଧାରିତ କରିବାର କଳା । ୨୦୧୧ ମସିହାରେ ପ୍ରତିଷ୍ଠିତ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (BIPF) ମାନବିକତାର ଏକ ଜ୍ୱଳନ୍ତ ଉଦାହରଣ ରୂପେ ସ୍ୱୀକୃତ । କୋଳାହଳ ଓ ଦୃଷ୍ଟି ଆକର୍ଷଣ ପାଇଁ ନୁହେଁ, ବରଂ ସହନଶୀଳତା, ସମ୍ବେଦନଶୀଳତା, ଅଟଳ ଧୈର୍ଯ୍ୟ ତାଙ୍କୁ ମାନ୍ୟତା ଦେଇଆସିଛି । ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ନିର୍ବାହ, ପାନୀୟଜଳ, ଗୋଷ୍ଠୀ ଉନ୍ନୟନ ସପକ୍ଷରେ ସେମାନଙ୍କ ନିରନ୍ତର ଉଦ୍ୟମ ଓଡ଼ିଶାର ୬ଟି ଜିଲ୍ଲା ୬୦୦ ରୁ ଊର୍ଦ୍ଧ୍ୱ ଗାଁରେ ଲୋକମାନଙ୍କ ଆବେଗକୁ ସ୍ପର୍ଶ କରିପାରିଛି । ତାଙ୍କର ଏହି ସାମାଜିକ ପ୍ରତିବଦ୍ଧତାକୁ ଗୋଟିଏ ଶବ୍ଦରେ କହିଲେ ହେବ “ସମର୍ପିତ” ।

OSDAରେ ମୋର କାର୍ଯ୍ୟକାଳ ସମୟରେ BIPF ଏକ ଅସାଧାରଣ ସହଭାଗୀ ରୂପେ ଉଭା ହୋଇଥିଲା । ଅତି ନିକଟରୁ ମୁଁ ଏହାକୁ ଦେଖିଛି; ମହତ ଉଦ୍ଦେଶ୍ୟ ରଖି ଶାନ୍ତ ଓ ସରଳ ଭାବେ ସାମାଜିକ ବାସ୍ତବତାକୁ ସେମାନେ ସମ୍ମାନର ସହ ଆଦରି ନେଇଛନ୍ତି । ଏହା ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ମହିଳା ଉଦ୍ୟୋଗ ଅବା ଗୋଷ୍ଠୀକେନ୍ଦ୍ର ପ୍ରତିଷ୍ଠା ହେଉ, BIPF ତା ଆନୁଷ୍ଠାନିକ ସାମର୍ଥ୍ୟ ଓ ବିଶ୍ୱାସ ସାହାଯ୍ୟରେ ତୃଣମୂଳ ସ୍ତରରେ ପହଞ୍ଚିବାରେ ସଫଳ ହୋଇଛି । ଏହା କୌଣସି ଅଲୌକିକ ଘଟଣା ନୁହେଁ ବରଂ ସେମାନଙ୍କର ଦୃଢ଼ ବିଶ୍ୱାସ ଓ ପ୍ରତ୍ୟୟ ସାହାଯ୍ୟରେ ଜନସମୁଦାୟକୁ କେବଳ ଉପଭୋକ୍ତା ରୂପେ ନୁହେଁ ବରଂ ପ୍ରତ୍ୟେକଙ୍କ ଭବିଷ୍ୟତର ସହନିର୍ମାତା ଭାବେ ଦେଖୁଛନ୍ତି । ସାମାଜିକ ପରିବର୍ତ୍ତନରେ ଫାଉଣ୍ଡେସନର ପ୍ରାସଙ୍ଗିକତା ରହିଆସିଛି । “ଆରୋଗ୍ୟଧାରା” ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଘରେଘରେ ପହଞ୍ଚାଇବାର ପ୍ରୟାସ, ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ଦୃଷ୍ଟି ପୁନରୁଦ୍ଧାର କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ଇତ୍ୟାଦି ସେବା ସେମାନେ ଅପହଞ୍ଚ ଇଲାକାରେ ପହଞ୍ଚାଇ ପାରିଛନ୍ତି । “ଅଧ୍ୟୟନ” ମାଧ୍ୟମରେ କେବଳ ସ୍କୁଲ୍ ଶିକ୍ଷା ନୁହେଁ ବରଂ ଗୋଷ୍ଠୀଶିକ୍ଷା, ଡିଜିଟାଲ୍ ସାକ୍ଷରତା ଓ ଶିକ୍ଷାବୃତ୍ତି କ୍ଷେତ୍ରରେ ସେମାନେ ବହୁତ ଭଲକାମ କରୁଛନ୍ତି ।

“ସୁ-ସ୍ୱାସ୍ଥ୍ୟ” ସବୁବେଳେ ଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛତା ଏବଂ ପରିମଳ କ୍ଷେତ୍ରରେ ଗୁରୁତ୍ୱ ଦେଇଆସିଛି । “ସମ୍ବାଦ ସମ୍ମାନ” ଭିନ୍ନମତ ଓ ନିଜ ପକ୍ଷ ରଖିବାର ସ୍ୱାଧୀନତା ପାଇଁ ସାମାଜିକ ବିକାଶ ଦିଗରେ କାର୍ଯ୍ୟ କରୁଛି । କେବଳ ସାମାଜିକ କାର୍ଯ୍ୟକ୍ରମ ନୁହେଁ, BIPFକୁ ସ୍ୱୀକୃତି ଦେଇଛି ଏହାର ଭିନ୍ନତା, ସମନ୍ୱୟ ଏବଂ ନୈତିକ ମୂଲ୍ୟବୋଧ । ଲିଙ୍ଗ ବୈଷମ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା କେବଳ ଭାଷଣର କଥା ନୁହେଁ ବରଂ ସେସବୁକୁ ପ୍ରାଥମିକ ପ୍ରାଧାନ୍ୟ ଦେବା, ଦାୟିତ୍ୱ ଓ ସ୍ପଷ୍ଟତାର ସହ ଉତ୍ତରଦାୟୀ ରହିବା BIPFର ଅନ୍ୟତମ ଆଭିମୁଖ୍ୟ ।

“ଶମ୍ବାବୀ” ଉତ୍ସବ ପାଳନରେ ଯୋଗଦେଇ ମୁଁ ଦେଖିଛି ବଦାନ୍ୟତାର ଉତ୍ତରାଧିକାର କିପରି ଉଜ୍ଜ୍ୱଳ । ଡ. ବଂଶୀଧର ପଣ୍ଡା ଓ ଶ୍ରୀମତୀ ଇଲା ପଣ୍ଡା ତାଙ୍କର ଦୂରଦୃଷ୍ଟିକୁ କିପରି ପରିବାର ଓ ଅନୁଷ୍ଠାନ ମାଧ୍ୟମରେ ଆଗକୁ ନେଇଛନ୍ତି ତାହା ପ୍ରଶଂସନୀୟ ଓ ପ୍ରେରଣାଦାୟୀ । ଯେଉଁ ସମୟରେ ପରୋପକାର କେବଳ ପ୍ରଦର୍ଶନ ହୋଇ ଯାଇଛି, ସେତେବେଳେ BIPF ଅତି ଶାନ୍ତ, ନୀରବ ଓ ସମ୍ପୂର୍ଣ୍ଣ ସାମର୍ଥ୍ୟର ସହ ସାମାଜିକ ପ୍ରତିବଦ୍ଧତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ଜାରି ରଖିଛି ।

୧୫ ବର୍ଷର ଏ ଆଖିଦୃଶିଆ ସଫଳତା ଏକ ଆରମ୍ଭ ମାତ୍ର । ଗୋଟିଏ ଅନୁଷ୍ଠାନ ସବୁବେଳେ ନୈତିକତା ଓ ବିବେକର ଆଧାରରେ ଛିଡ଼ା ହୋଇଥାଏ । BIPF କେତେ ଜୀବନକୁ ଛୁଇଁ ପାରିଛି ଓ ପ୍ରଭାବିତ କରିଛି ତାହା ତାଙ୍କର କେବଳ ସଫଳତା ନୁହେଁ ବରଂ ସେମାନେ କେତେ ମାତ୍ରାରେ ବିଶ୍ୱାସଭାଜନ ହୋଇଛନ୍ତି ଓ ଅନ୍ୟକୁ ଜାଗ୍ରତ କରିଛନ୍ତି ତାହା ବଡ଼ କଥା । ଏହା ବିଶ୍ୱାସ ହୁଏ ଯେ ସେମାନଙ୍କର ଉପସ୍ଥିତି, ରୂପାନ୍ତରକୁ ରୂପ ଦେଇଛି ।

ବଦାନ୍ୟତାର ଉତ୍ତରାଧିକାରୀ ସୂତ୍ରରେ ପଣ୍ଡା ପରିବାର “ସମର୍ପିତ” ରହିବା ଏକ ନିର୍ଯ୍ୟାସ ନୁହେଁ, ବରଂ ଏହା ଏକ ଜୀବନଧାରା ।

ସୁବ୍ରତ ବାଗ୍‌ଚୀ
ଭାରତୀୟ ଉଦ୍ୟୋଗପତି, ପରହିତୈଷୀ
ପ୍ରତିଷ୍ଠାତା ଅଧ୍ୟକ୍ଷ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ
Odisha Skill Development Authority (OSDA)



ଶ୍ରୀମତୀ ଅନୁ ଆଗାଙ୍କ ସହିତ ଶ୍ରୀମତୀ ସାବରମତୀ,
ତୃତୀୟ ଶମ୍ବାବୀ ପୁରସ୍କାର ଉତ୍ସବ

BIPF ଓଡ଼ିଶାରେ ଦୀର୍ଘଦିନ ଧରି କରିଆସୁଥିବା ମହତ କାର୍ଯ୍ୟ ବାବଦରେ ମତେ କିଛି କହିବାର ସୁଯୋଗ ମିଳିଛି । ଏହା ମୋ ପାଇଁ ଖୁସି ଓ ସମ୍ମାନର କଥା ନିଶ୍ଚୟ ।

୨୦୧୧ ମସିହାରେ ସ୍ଥାପିତ ଏହି ଫାଉଣ୍ଡେସନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ନିର୍ବାହ, ପାନୀୟ ଜଳ, ପରିମଳ ଇତ୍ୟାଦି କ୍ଷେତ୍ରରେ ଅବିରତ କାର୍ଯ୍ୟ କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ସେମାନେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରିବା ସହିତ ସ୍ଥାନୀୟ ଏବଂ ଆନ୍ତର୍ଜାତୀୟ ସଂସ୍ଥା ସହ ଜଡ଼ିତ ହୋଇ ନିରବଚ୍ଛିନ୍ନ ଭାବେ ସମାଜର ଅବହେଳିତ ବର୍ଗର ଅଗ୍ରଗତି ପାଇଁ ନିଜର ସଫଳ ପ୍ରୟାସ ଜାରି ରଖିଛନ୍ତି । ଏବେସୁଦ୍ଧା ଫାଉଣ୍ଡେସନ ତାଙ୍କ ଗଠନମୂଳକ କାର୍ଯ୍ୟ ପରିସୀମା ଓଡ଼ିଶାର ୬ଟି ଜିଲ୍ଲାକୁ ସମ୍ପ୍ରସାରିତ କରିଛି । ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଯଥା କିଶୋରୀମାନଙ୍କର ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତା, ଡିଜିଟାଲ ଶିକ୍ଷା, ଦକ୍ଷତା ବିକାଶ ଏବଂ ଗୋଷ୍ଠୀ ଶିକ୍ଷା କାର୍ଯ୍ୟକ୍ରମ ସେମାନେ ସୁଚାରୁରୂପେ କରିଆସୁଛନ୍ତି । ବିକାଶ କ୍ଷେତ୍ରରେ ସେମାନଙ୍କ ପାଦଚିହ୍ନ ଖୁବ୍ ସ୍ପଷ୍ଟ ଓ ଦୃଢ଼ ।

BIPFକୁ ମୁଁ ଅନ୍ତରରୁ ଶୁଭେଚ୍ଛା ଜ୍ଞାପନ କରୁଛି । ଆଶା ରଖୁଛି ଆଗାମୀ ଦିନରେ ଅବହେଳିତ ବର୍ଗ, ନ୍ୟୂନତମ ସୁବିଧାରୁ ବଞ୍ଚିତ ଏବଂ ସମାଜର ବିଭିନ୍ନ ସ୍ତରରେ ବୈଷମ୍ୟର ଶିକାର ହେଉଥିବା ଲୋକମାନଙ୍କ ଅଧିକାର ଓ ପ୍ରଗତି ପାଇଁ ସେମାନେ ନିଜର କର୍ତ୍ତବ୍ୟ ଜାରି ରଖିବେ ।

ଅନୁ ଆଗା
ସୁଖ୍ୟାତ ପରହିତୈଷୀ
ପୂର୍ବତନ ଅଧକ୍ଷା,
Thermax



ଶ୍ରୀମତୀ ନୀରା ନନ୍ଦୀଙ୍କ ସହ ଶ୍ରୀମତୀ ଶୈଫାଲିକା ପଣ୍ଡା, Dasra ର ମିଳିତ
ଆନୁକୂଲ୍ୟରେ ଆୟୋଜିତ ଗୋଲ୍ ଟେବଲ୍ ବୈଠକ; ହଂକଂ, ୨୦୨୫

ଜନସେବାର ଦୀର୍ଘ ପରମ୍ପରା ଏବଂ ଓଡ଼ିଶା ବିକାଶର ବାସ୍ତବତାର ପୁଞ୍ଜିରେ BIPF, ଅସୀମ ଧର୍ଯ୍ୟ, ସଂହତି ଏବଂ ପ୍ରତିବଦ୍ଧତାକୁ ନିଜର କାର୍ଯ୍ୟରେ ପ୍ରତିଫଳିତ କରିଛି । ଅଭ୍ୟାସ ଏବଂ ଅଧବସାୟ ଦ୍ୱାରା ଏହା ସହଭାଗିତା ଏବଂ ସାମୂହିକ ଅଧିକାରକୁ ପ୍ରାଧାନ୍ୟ ଦେଇଆସିଛି । ଶୈଫାଲିକାଙ୍କ ନେତୃତ୍ୱରେ BIPF ତାର ବିକାଶଧାରାରେ ସ୍ଥାନୀୟତା ସହ ବିଶ୍ୱକୁ ସଫଳତାର ସହ ଯୋଡି ପାରିଛି । ଆହରଣ ପାଇଁ ଅନୁକୂଳ ପରିବେଶ ତିଆରି କରି ଫାଉଣ୍ଡେସନ ପ୍ରମାଣ କରିପାରିଛି ; ସମ୍ପର୍କ ଓ ମାଟିକୁ ନ ଛାଡି କିପରି ଆକାଶ ଛୁଇଁ ହୁଏ । ବିକାଶ ଧାରାରେ ନାରୀ, ଯୁବଶକ୍ତି ଓ ଗୋଷ୍ଠୀ ସମୁଦାୟର ପ୍ରାସଙ୍ଗିକତାକୁ ନେଇ ଫାଉଣ୍ଡେସନର ଦୃଷ୍ଟିଭଙ୍ଗୀ ବେଶ ସ୍ପଷ୍ଟ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ନିରବିଚ୍ଛିନ୍ନ କାର୍ଯ୍ୟ କରିବା ଏବଂ ବିଭିନ୍ନ କ୍ଷେତ୍ରର ପ୍ରଗତିରେ ଉନ୍ମେଷ ଆଣିବାରେ BIPF ଉଦାହରଣ ସୃଷ୍ଟି କରିଛି ।

ନୀରା ନନ୍ଦୀ
ସହ-ପ୍ରତିଷ୍ଠାତା ଓ ସହଭାଗୀ, Dasra

ସମ୍ବେଦନା, ସହାନୁଭୂତି ଓ ଦୃଢ଼ ବିଶ୍ୱାସ ଆଧାରରେ ପ୍ରତିଷ୍ଠା ଲାଭ କରିଥିବା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ମାଧ୍ୟମରେ ଶୈଫାଲିକାଙ୍କ ଅନନ୍ୟ ଯାତ୍ରାର ମୁଁ ସାକ୍ଷୀ ।

ମହିଳାମାନଙ୍କ ସହ ମିଳିମିଶି କାମ କରିବାର ମୋର ଏତେ ଦିନର ଅନୁଭୂତିରୁ ମୁଁ ଶିଖିଛି ଯେ ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସେ ଯେତେବେଳେ ଆମର ସହଯୋଗୀମାନେ ଆମର ସହଯାତ୍ରୀ ହୋଇଥାଆନ୍ତି । BIPFର ଏହା ଅନ୍ୟତମ ମନ୍ତ୍ର । ସେମାନଙ୍କ ଜୀବନରେ କେବଳ ନିଜର ଉପସ୍ଥିତି ନୁହେଁ ବରଂ ଆତ୍ମବିଶ୍ୱାସ, ଧୈର୍ଯ୍ୟ ଏବଂ ସାହସର ପୁଞ୍ଜିରେ ସେମାନଙ୍କୁ ପ୍ରଭାବିତ କରିବା ଏହାର ଅନ୍ୟତମ ଲକ୍ଷ୍ୟ । ଯେଉଁମାନେ ସମାଜର ନ୍ୟୂନତମ ସୁବିଧାରୁ ବଞ୍ଚିତ ଓ ଅବହେଳିତ ସେମାନଙ୍କ ସମ୍ଭାବନାକୁ ସ୍ୱୀକୃତି ଦେବା, ସେମାନଙ୍କ ଭିତରେ ପ୍ରତ୍ୟୟ ସୃଷ୍ଟି କରିବା ଓ ତାଙ୍କ ପାଇଁ ସୁଯୋଗ ତିଆରି କରିବା ସମସ୍ତଙ୍କ ଜୀବନରେ ଗଭୀର ରେଖାପାତ କରିଛି । ଆଜି ଯେତେବେଳେ BIPF ସଫଳତାର ଏ ମାଇଲଖୁଣ୍ଟ ଅତିକ୍ରମ କରୁଛି, ଏଥିପାଇଁ ନିରବଚ୍ଛିନ୍ନ ଭାବେ ଉତ୍ସର୍ଗୀକୃତ ବ୍ୟକ୍ତିମାନଙ୍କୁ ସେମାନଙ୍କ ଦୂରଦୃଷ୍ଟି ପାଇଁ ମୁଁ ବଧେଇ ଜଣାଉଛି । ଆଗାମୀ ବର୍ଷମାନଙ୍କରେ BIPF ତାର ଆଶା, ଆକାଂକ୍ଷା ଓ ଗୌରବର ପରିସୀମାକୁ ଆହୁରି ସମ୍ପ୍ରସାରିତ କରୁ । ମାନବ ସମାଜର ମଙ୍ଗଳ ନିମନ୍ତେ ବିଶେଷ କରି ନାରୀ ଓ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜର ଉଦ୍ୟମ ଜାରି ରଖୁ ।

ତୃଣମୂଳ ସ୍ତରରେ ନାରୀମାନଙ୍କୁ ନେତୃତ୍ୱ ପ୍ରଦାନ, ତୃଣମୂଳ ସ୍ତରରେ ନାରୀମାନଙ୍କୁ ନେତୃତ୍ୱ ପ୍ରଦାନ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ଏବଂ ଗ୍ରାମ୍ୟ ଅର୍ଥନୀତିକୁ ସଧ ସମୃଦ୍ଧ କରିଛି । ଏହା ଅନ୍ୟ ଏକ ଉପଲବ୍ଧି ।

ଚେତନା ଗାଲା ସିହ୍ନା
ପ୍ରତିଷ୍ଠାତା,
Mann Deshi Bank & Mann Deshi Foundation



ଶ୍ରୀମତୀ ଚେତନା ଗାଲା ସିଂହ୍ନା ଓ ଶ୍ରୀମତୀ ଶୈଫାଲିକା ପଣ୍ଡା,
G20 EMPOWER, କେରାଳ, 2023

ସାମାଜିକ ପ୍ରଗତି ଓ ବିକାଶ ନିମନ୍ତେ ଅବଦାନର ଐତିହାସିକ ଯାତ୍ରା ପାଇଁ ବଂଶୀଧର ଓ ଇଲା ଫାଉଣ୍ଡେସନ୍ ଜାତୀୟ ଆଦର୍ଶ ରୂପେ ପରିଗଣିତ । ଗୋଷ୍ଠୀ ଉନ୍ନୟନ, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ନାରୀମାନଙ୍କ ଅର୍ଥନୈତିକ ସଶକ୍ତିକରଣ କ୍ଷେତ୍ରରେ ଫାଉଣ୍ଡେସନ୍‌ର ଉଦ୍ୟମ ପ୍ରଶଂସନୀ । ସମାଜରେ ଅବହେଳିତ ଓ ନ୍ୟୂନତମ ସୁବିଧାରୁ ବଞ୍ଚିତ ବ୍ୟକ୍ତି ଓ ମହିଳାମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରାଯାଇବାରେ ଫାଉଣ୍ଡେସନର ପ୍ରୟାସ ଜାରି ରହିଛି । ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଫାଉଣ୍ଡେସନ୍‌ର ଲକ୍ଷ୍ୟ । ଭାରତର ବିଭିନ୍ନ ଗୋଷ୍ଠୀ ସମୁଦାୟକୁ ସାମାଜିକ ଓ ଅର୍ଥନୈତିକ ସ୍ଥିରତା ପ୍ରଦାନ କରିବାରେ BIPF ଯେଉଁ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରୁଛି ମୁଁ ତାର ସାକ୍ଷୀ, ଏହା ମୋ ପାଇଁ ଖୁସିର କଥା ।

ରିମା ନାନାବତୀ
ନିର୍ଦ୍ଦେଶିକା,
SELF EMPLOYED WOMEN'S ASSOCIATION (SEWA)



ଶ୍ରୀମତୀ ରିମା ନାନାବତୀଙ୍କ ସହିତ
ଶ୍ରୀମତୀ ଶୈଫାଲିକା ପଣ୍ଡା, ଦ୍ୱିତୀୟ ଶମ୍ବାବୀ ପୁରସ୍କାର ଉତ୍ସବ





Shri Dattatraya Bhausaheb Shinde, I.A.S.,
Collector & District Magistrate,
Cuttack, Odisha.

Tel-0671-2508100(O)/
2301001(R)
Fax- 0671- 2301103
E-mail: dm-ctc@nic.in

MESSAGE

I am pleased to learn that Bansidhar and Ila Panda Foundation (BIPF), the CSR arm of Indian Metals & Ferro Alloys (IMFA), is commemorating 15 years of dedicated service through the publication of a special coffee table book. This milestone is a testament to the Foundation's sustained commitment to inclusive and sustainable development across Odisha.

Over the years, BIPF has meaningfully demonstrated the true spirit of corporate social responsibility and contributed significantly to social transformation. Its focused works in the field of education, healthcare, skill development, culture, livelihoods and women's empowerment have strengthened communities.

As BIPF celebrates this significant milestone, I extend my heartfelt congratulations to the entire team for their vision, perseverance and compassion. May the Foundation continue to inspire many more years of transformative service.

(Dattatraya Bhausaheb Shinde)



ଶ୍ରୀଯୁକ୍ତ ଦତ୍ତାତ୍ରେୟ ବାବୁସାହେବ ସିନ୍ଧେ,
ଆଇ. ଏ. ଏସ୍.,
ଜିଲ୍ଲାପାଳ ଓ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍,
କଟକ, ଓଡ଼ିଶା

ଶ୍ରୀଯୁକ୍ତ ଦତ୍ତାତ୍ରେୟ ବାବୁସାହେବ ସିନ୍ଧେ, ଜନ୍ୟା ଏକ୍ସପ୍ରେସ୍, ଚୌଦ୍ୱାର

ଶ୍ରୀଯୁକ୍ତ ଅମ୍ବର କୁମାର କର, ଓ.ଏ.ଏସ୍. (S.S.)
ଜିଲ୍ଲାପାଳ ଓ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍,
ଯାଜପୁର, ଓଡ଼ିଶା

Shri Ambar Kumar Kar, OAS (SS)
Collector & District Magistrate, Jajpur, Odisha

Tel. No. 06728-222001 (O)
06728-222330 (R)
Email- dm-jajpur@od.gov.in

MESSAGE

It is a great pleasure for me to know that Bansidhar & Ila Panda Foundation's 15 years journey of partnering with communities to support for social development. Over the years, it has been focusing interventions in health, education, livelihoods, water, santitation and hygiene and skill development, working closely with local communities and the administration.

The Foundation's skill development programmes for youth through BIPF's Sukinda ITI have contributed to improve practical skills among young people and helping them to access livelihood opportunities.

The BIPF's work in health awareness, particularly in addressing anaemia among adolescent girls and boys is a significant achievement. Also through the initiatives such as Kanya Express, the Foundation has helped to promote preventive health practices.

BIPF has also emphasis on community engagement in convergence with district administration for local development need.

On achieving this milestone, I extend my best wishes to BIPF as it continues its work in partnership with the administration to support youth, health and community development in the district.

(Ambar Kumar Kar)





ଡ଼ଃ. ବେହେରା ଓ ଶ୍ରୀମତୀ ଶୈଫାଲିକା ପଣ୍ଡା,
ପ୍ରଥମ ଶମ୍ବୀ ପୁରସ୍କାର ଉତ୍ସବ, ୨୦୧୪

BIPF ସହିତ ମୋର ସଂପୃକ୍ତି ମୋ ପାଇଁ ସମ୍ମାନର କଥା; ସାମାଜିକ ଉତ୍ତରଣ କ୍ଷେତ୍ରରେ BIPFର ଯଥେଷ୍ଟ ଅବଦାନ ରହିଅଛି। ଫାଉଣ୍ଡେସନର ସୁଚିନ୍ତିତ ପୋଜନାସବୁ ଖୁବ୍ ଯତ୍ନର ସହିତ କାର୍ଯ୍ୟକାରୀ ହୋଇପାରିଛି। ନିୟମିତ ତତ୍ତ୍ୱାବଧାନ ପାଇଁ ଏ ସବୁ ଖୁବ୍ ଫଳପ୍ରଦ ହୋଇଛି ଓ ନିଜ ମୂଳଲକ୍ଷ୍ୟଠାରୁ ବିଚ୍ୟୁତ ହୋଇନାହିଁ। BIPFର ସମସ୍ତ କର୍ମକର୍ତା ଅଗ୍ରାଧିକାର ଭିତ୍ତିରେ ସମାଜରେ ଭିନ୍ନଭିନ୍ନ ବର୍ଗର ଲୋକମାନଙ୍କ ସହ ସଂପୃକ୍ତ ରହି ସେମାନଙ୍କୁ ସହଯୋଗର ହାତ ବଢାଇଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ଜିଲ୍ଲା ସ୍ତରରେ ସମ୍ବଳ ବିକାଶ ଓ ସୁରକ୍ଷା ଦିଗରେ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି। ଦୀର୍ଘଦିନର ଏହି ପ୍ରୟାସରେ BIPF ଗ୍ରାମୀଣ ସ୍ତରରୁ ନେଇ ଛୋଟ ବଡ଼ ସହର ପର୍ଯ୍ୟନ୍ତ ପହଞ୍ଚାଇବାରେ ସଫଳ ହୋଇଛି।

BIPF ଦୃଢ଼ପଦକ୍ଷେପ କରିଛି ଯେ ଯୁବକମାନଙ୍କର ଗୁଣାତ୍ମକ ଦକ୍ଷତା ଓ ବିକାଶ ସେମାନଙ୍କୁ ସମାଜର ଉନ୍ନତିରେ ଫଳପ୍ରଦ କରିପାରିବ। ମହିଳାମାନଙ୍କର ଆୟବୃଦ୍ଧି ପାଇଁ ବିଭିନ୍ନ ଯୋଜନା ସହିତ BIPF ନିଶ୍ଚିତ କରିଛି ଯେପିତି କିଶୋରୀମାନେ କୁପୋଷଣର ଶିକାର ନହୁଅନ୍ତି।

ସରକାରୀ, କର୍ପୋରେଟ୍ ଏବଂ ବିଭିନ୍ନ ନାଗରିକ ସମୁଦାୟର ସହଭାଗିତାକୁ BIPF ସବୁବେଳେ ଗୁରୁତ୍ୱ ଦେଇଆସିଛି। ସଂସ୍ଥାର ତ୍ରୁଷ୍ଟି ଭାବରେ ଏହା ମୋର ଅନୁଭବ।

ସମ୍ବେଦନଶୀଳତା, ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ସାମାଜିକ ପ୍ରତିବଦ୍ଧତା ଏବଂ କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ଏସବୁ ସମ୍ଭବ ହୋଇପାରିଛି। ମୁଁ ନିଶ୍ଚିତ ଯେ, ୧୫ ବର୍ଷର ନିରବିଚ୍ଛିନ୍ନ ଉପସ୍ଥିତି BIPFକୁ ନିଜ ପାଇଁ ନୂତନ ମାନଦଣ୍ଡ ତିଆରି କରିବାରେ ଓ ଦେଶର ବିଭିନ୍ନ ଅନୁଷ୍ଠାନମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାରେ ଅବିରତ ପ୍ରୟାସ ଜାରି ରଖିବ।

ଡ଼ଃ. ଅରବିନ୍ଦ ବେହେରା
ଆଇ.ଏ.ଏସ୍. (ଅବସରପ୍ରାପ୍ତ)
ତ୍ରୁଷ୍ଟି, BIPF



ଦୀର୍ଘ ୧୫ ବର୍ଷର ନିରବିଚ୍ଛିନ୍ନ ପ୍ରଭାବ ପାଇଁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନକୁ ଅଭିନନ୍ଦନ । ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମଙ୍ଗଳ ଏବଂ ସଶକ୍ତିକରଣ କ୍ଷେତ୍ରରେ ଆପଣଙ୍କର ସାମାଜିକ ପ୍ରତିବଦ୍ଧତା ପ୍ରଶଂସନୀୟ । ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଯୁବଗୋଷ୍ଠୀର ବିକାଶ କ୍ଷେତ୍ରରେ ଆପଣଙ୍କ ଅବିରତ ଉଦ୍ୟମ ଓ ଆତ୍ମବିଶ୍ୱାସ ଆମର ଆବେଗକୁ ଗଭୀର ସ୍ପର୍ଶ କରିପାରିଛି । ଝିଅ ଓ ମହିଳାମାନଙ୍କ ପାଇଁ ଆପଣଙ୍କ ସ୍ଥିତିନ୍ତୁତ କାର୍ଯ୍ୟଧାରା, ଅବହେଳିତ ଲୋକଙ୍କ ପ୍ରତି ସମ୍ବେଦନା ଓ ସହଯୋଗ ଆପଣଙ୍କୁ ଭିନ୍ନ ସ୍ତରକୁ ନେଇପାରିଛି । ଯାତ୍ରାର ଆଗାମୀ ସୋପାନରେ ଆପଣଙ୍କ ଦିଗ୍‌ବଳୟ ସମ୍ପ୍ରସାରିତ ହେଉ ଏବଂ ସମାଜ ମଙ୍ଗଳ କାର୍ଯ୍ୟ ପାଇଁ ସାମୂହିକ ପ୍ରେରଣା ଦେଉଥାଉ । ଫାଉଣ୍ଡେସନ୍ ପାଇଁ ମୋର ସୁମନାସ । ଆପଣଙ୍କ ସଫଳତାର ଯାତ୍ରା ଓଡ଼ିଶା ଏବଂ ଅନ୍ୟ ପ୍ରଦେଶର ଜନଜୀବନକୁ ସମୃଦ୍ଧ କରୁ ।

ଶ୍ରୀମତୀ ସାରା ଅବଦୁଲ୍ଲା ପାଇଲଟ୍,
ପ୍ରତିଷ୍ଠାତା
ଅଧକ୍ଷା, CEQUIN

ଶ୍ରୀମତୀ ସାରା ଅବଦୁଲ୍ଲା ପାଇଲଟ୍, Ideate 2025, ନୂଆଦିଲ୍ଲୀ

ସମାଜ କଲ୍ୟାଣ ତଥା ସଶକ୍ତିକରଣର ମାନସିକତା ନେଇ IMFA ସ୍ଥାପିତ ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ପୃଷ୍ଠପୋଷକ ଡ. ବଂଶୀଧର ପଣ୍ଡା ଓ ମାଡାମ୍ ଇଲା ପଣ୍ଡାଙ୍କ ଶିକ୍ଷାୟନ ଯାତ୍ରାର ଏହା ଏକ ବିଶେଷ ଅଂଶ ରୂପେ ରହିଥିଲା । ଏହି ଦୂରଦୃଷ୍ଟିର ଫଳ ସ୍ୱରୂପ ସ୍ଥାପିତ ହେଲା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (BIPF) । ନଭେମ୍ବର ୨୦୧୧ ରେ ମତେ BIPF ରେ ଯୋଗ ଦେବାର ସୁଯୋଗ ମିଳିଲା । IMFA ସହ ଦୀର୍ଘ ୨୩ ବର୍ଷର ଘନିଷ୍ଠ ସଂପୃକ୍ତି ଓ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ଅନୁଭୂତି, ଜନମଙ୍ଗଳ କାର୍ଯ୍ୟ ଓ ସାମାଜିକ ଦାୟିତ୍ୱବୋଧକୁ ବୁଝିବାରେ ସହାୟକ ହେଲା । ଏଥିପାଇଁ ସ୍ୱର୍ଗତା ଇଲା ପଣ୍ଡା ମୋ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବେ । IMFAର ଏକ ଛୋଟ ଶାଖା ଭାବରେ ୨୦୧୧ ମସିହା ମାର୍ଚ୍ଚ ମାସରେ BIPF ପଞ୍ଜିକୃତ ହେଲା, ଯେଉଁଥିରେ IMFAର କିଛି କର୍ମକର୍ତ୍ତାଙ୍କୁ ନିଯୁକ୍ତି ମିଳିଲା । ଅନୁଭୂତି ସମ୍ପନ୍ନ ବୋର୍ଡ ଅଫ୍ ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ (CEO) ମାଡାମ୍ ଶୈଫାଲିକା ପଣ୍ଡାଙ୍କ ଦିଗଦର୍ଶନରେ ଏକ ଉତ୍ସର୍ଗୀକୃତ ଟିମ୍ ଗଠିତ ହେଲା ଯାହା କାର୍ଯ୍ୟପନ୍ଥା ନିର୍ଣ୍ଣୟ, ଧାର୍ଯ୍ୟ ସମୟରେ ଏହାର ସମ୍ପାଦନ ଓ ଏଥିପାଇଁ ଉତ୍ତରଦାୟୀ ରହିବା ଉପରେ ଗୁରୁତ୍ୱ ଦେଲେ । BIPF ପାଇଁ ନୂତନ ଯୋଜନା, ଏହାର ପ୍ରାକ୍ ପ୍ରସ୍ତୁତି, ଏହାର ସ୍ପଷ୍ଟତା ଓ ପ୍ରାସଙ୍ଗିକତା ଆମର ଆଭିମୁଖ୍ୟ ରହିଲା । IMFAର ସମାଜ କଲ୍ୟାଣ ଯୋଜନାସବୁକୁ କାର୍ଯ୍ୟକାରୀ କରିବାରେ BIPF, Company Act 2013 ଅନୁସାରେ ଅନୁମୋଦନ ପାଇଲା । ଏହାର ନିଜସ୍ୱ ପ୍ରକଳ୍ପ ସହିତ ବିଭିନ୍ନ ସରକାରୀ ସଂସ୍ଥା, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ BIPFର ସହଭାଗିତା ରହିଲା ।



ଦେଢ଼ ଦଶନ୍ଧିର ଏହି ଯାତ୍ରାରେ ସମ୍ମାନ ଓ ସ୍ୱୀକୃତି ସହ BIPF ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରିଛି । BIPFର ଉତ୍ତରଣ ଜାରି ରହୁ ଏବଂ ଆଗାମୀ ବର୍ଷମାନଙ୍କରେ ଏହାର ପ୍ରଭାବ ଓ ପଦତିତ୍ୱ ଦୃଢ଼ ଓ ଦୀର୍ଘସ୍ଥାୟୀ ହେଉ ।

ଟି.ସି. ହୋତା
ପୂର୍ବତନ କାର୍ଯ୍ୟନିର୍ବାହୀ ଉପାଧକ୍ଷ, BIPF
ବରିଷ୍ଠ ଉପଦେଷ୍ଟା, IMFA



ଶ୍ରୀମତୀ ଆଭା ମିଶ୍ର, Ideate 2024

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (BIPF) ସହିତ ମୋର ଘନିଷ୍ଠ ସଂପୃକ୍ତି ପ୍ରାୟ ସାତ-ଆଠ ବର୍ଷରୁ ରହିଆସିଛି । ଏହାର ଉତ୍ଥାନ ତଥା ସାମାଜିକ ବିକାଶ କ୍ଷେତ୍ରରେ ସେମାନେ କେତେ ସଫଳ ଓ ଯତ୍ନବାନ ତାହା ଅତି ନିକଟରୁ ମୁଁ ଦେଖି ଆସିଛି । ଏହି ସମନ୍ୱୟ ସମ୍ଭବ ହୋଇପାରିଛି ସେମାନଙ୍କର ପ୍ରଗତିଶୀଳ ଚିନ୍ତାଧାରା, ଅଧ୍ୟୟନ ଏବଂ ନିରନ୍ତର ବିକାଶ ଧାରାରେ ସମସ୍ତଙ୍କୁ ସାମିଲ କରିବାର ମାନସିକତା ଯୋଗୁଁ ।

ନିଜର ପ୍ରତିଟି କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବାର ଅଭ୍ୟାସ BIPF ର ଅନ୍ୟତମ ସାମର୍ଥ୍ୟ । ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ଏବଂ IDEATE ଓ "ଶମ୍ଭାବା" ଭଳି ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରି ଏହି ସଂସ୍ଥା ଭିନ୍ନ ମତ, ଲିଙ୍ଗ ବୈଷମ୍ୟ, ଶିକ୍ଷା, ଜୀବିକା ନିର୍ବାହ ଏବଂ ଗୋଷ୍ଠୀଗତ ସଚେତନତା କ୍ଷେତ୍ରରେ ବିଚାର ବିମର୍ଶ ପାଇଁ ସ୍ୱାଧୀନ ବାତାବରଣ ତିଆରି କରିପାରିଛି । ନୀତି, ନିୟମ, ପ୍ରଣୟନ କ୍ଷେତ୍ରରେ ବିବିଧତା, ନାଗରିକ ସମୁଦାୟର ଦାୟିତ୍ୱ, ଶିକ୍ଷାନୀତି ଏବଂ ତୃଣମୂଳ ସ୍ତରରୁ ଏସବୁ କ୍ଷେତ୍ରରେ ଅଭିବୃଦ୍ଧି, ସଂସ୍ଥାର ଦୂରଦୃଷ୍ଟି ଓ ଯୋଜନାସବୁକୁ ସଫଳତାର ସହ କାର୍ଯ୍ୟରେ ରୂପାନ୍ତର କରିପାରିଛି । ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ଆହ୍ୱାନକୁ ମୁକାବିଲା କରିବାରେ ସୁଦୃଢ଼ ଭିତ୍ତିଭୂମି ଗଠନ ତାଙ୍କ ଚିନ୍ତାଧାରାର ସଫଳ ରୂପାୟନ ।

ସାମୂହିକ ସ୍ୱରକୁ ପ୍ରାଧାନ୍ୟ, ବହୁବିଧ ସମସ୍ୟାର ଦୀର୍ଘସିଆଦି ସମାଧାନ, UNDP ସହ ଭାଗିଦାରୀ ଏବଂ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟଶୈଳୀ ଏହି ସଂସ୍ଥାର ଅନ୍ୟତମ ବିଭବ । ନାରୀ, ଯୁବଗୋଷ୍ଠୀ ଏବଂ ସମାଜରେ ଅବହେଳିତ ଲୋକମାନଙ୍କୁ ବିକାଶର ଆଗାଧାଡ଼ିକୁ ଆଣିବା ତଥା ସ୍ଥାନୀୟତାକୁ ଗୁରୁତ୍ୱ ଦେବାରେ ଫାଉଣ୍ଡେସନ ର ଭୂମିକା ବେଶ୍ ପ୍ରଶଂସନୀୟ ।

ଗଭୀର ଆତ୍ମବିଶ୍ୱାସ, ପ୍ରାସଙ୍ଗିକତା, ମାନବିକ ମୂଲ୍ୟବୋଧ ଏବଂ ସମର୍ପଣ ଓ ନିଃସ୍ୱାର୍ଥପର ସେବାର ଏହି ସଫଳ ୧୫ ବର୍ଷର ଯାତ୍ରା ଅବସରରେ ମୁଁ BIPF କୁ ସାଧୁବାଦ ଜଣାଉଛି ଏବଂ ଆଶା କରୁଛି ଓଡ଼ିଶାର ବିକାଶ ଓ ପ୍ରଗତିରେ ତାଙ୍କର ଉଦ୍ଦେଶ୍ୟ, ସହଯୋଗ ଓ ନେତୃତ୍ୱ ଦୀର୍ଘସ୍ଥାୟୀ ହେଉ ।

ଆଭା ମିଶ୍ର
କାର୍ଯ୍ୟାଳୟ ମୁଖ୍ୟ,
UNDP, ଓଡ଼ିଶା



ଶ୍ରୀମତୀ ସୁଜାତା ମହାପାତ୍ର, ମାସିକ ଋତୁ ସ୍ୱଚ୍ଛତା ଦିବସ, ସୁକିନ୍ଦା

ମା'ମାନଙ୍କର ସ୍ୱାସ୍ଥ୍ୟର ଯତ୍ନ, ପ୍ରସୂତିକାଳୀନ ସ୍ୱାସ୍ଥ୍ୟ ସେବା, କିଶୋରମାନଙ୍କ ପୋଷଣର ଯତ୍ନ, ଶିଶୁମାନଙ୍କ ଶିକ୍ଷା, ଟିକାକରଣ ଓ ଗୋଷ୍ଠୀ ସଚେତନତା କ୍ଷେତ୍ରରେ ବିକାଶ ନିମନ୍ତେ ଆମେ BIPFର ଅତୁଟ ସହଯୋଗ ପାଇଛୁ । ସରକାରୀ ବ୍ୟବସ୍ଥା, ଟିକାକରଣ ପାଇଁ ଧାର୍ଯ୍ୟ ଦିନ, ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ଏବଂ ପୋଷଣ ପାଇଁ କାର୍ଯ୍ୟକାରୀ ବିଭିନ୍ନ କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍ ସହଯୋଗୀ ହୋଇଛି । ଜନଜାତି ଓ ଅବହେଳିତ ବର୍ଗର ଲୋକମାନଙ୍କ ପାଇଁ ତାଙ୍କର ବିକାଶରେ ସୁକିନ୍ଦା ବ୍ଲକ୍ କୁ ସାମିଲ କରିଛନ୍ତି ଏବଂ ଅଧିବାସୀମାନଙ୍କୁ ନିରନ୍ତର ସେବା ପ୍ରଦାନ କରିଆସୁଛନ୍ତି । ବିଭିନ୍ନ ଅଞ୍ଚଳରେ ସେମାନେ ପ୍ରତ୍ୟକ୍ଷ ଭାବରେ କାମ କରୁଛନ୍ତି ।

କନ୍ୟା Express ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା, ରକ୍ତହୀନତାର ନିଦାନ, ହିମୋଗ୍ଲୋବିନ ପରୀକ୍ଷା ଇତ୍ୟାଦି ସଫଳତାର ସହ ପରିଚାଳନା କରୁଛନ୍ତି । ବିଭିନ୍ନ ଗୋଷ୍ଠୀ ସହ ସମନ୍ୱୟ ରକ୍ଷାକରି ପ୍ରାଥମିକ ଚିକିତ୍ସା ଯୋଗାଇବା ଠାରୁ ନେଇ ଆଞ୍ଚଳିକ ସଚେତନତା ପର୍ଯ୍ୟନ୍ତ ସହଯୋଗ ପ୍ରଦାନ କରୁଛନ୍ତି । ଆଶାକର୍ମୀ, ଅଙ୍ଗନୱାଡ଼ି କେନ୍ଦ୍ର, ଡାକ୍ତରଖାନା ଓ ଗୋଷ୍ଠୀ ପରିଚାଳନା କ୍ଷେତ୍ରରେ ତାଙ୍କର ସହଭାଗିତା ଓ ସେବା ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରୁଛି । ପୋଷଣ ପାଇଁ ଲୌହସାର ବଟିକା ବଣ୍ଟନ, ହିମୋଗ୍ଲୋବିନ ପରୀକ୍ଷା, କିଶୋରୀମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସେମାନେ ଅବିରତ କାମ କରୁଛନ୍ତି ।

ଦୈନନ୍ଦିନ ଜୀବନରେ ନିଃସନ୍ଦେହରେ ଆଖିଦୃଶିଆ ପରିବର୍ତ୍ତନ ଆସିଛି । ମା'ମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି, ଝିଅମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ଘଟିଛି ଏବଂ ପରିବାରର ସବୁ ଗୋଷ୍ଠୀ ଉନ୍ନୟନର ସୁବିଧା ପାଇ ପାରୁଛନ୍ତି।

ସୁଜାତା ମହାପାତ୍ର
CDPO,
ସୁକିନ୍ଦା, ଓଡ଼ିଶା

ମୁଁ ୨୦୧୩ ମସିହାରେ BIPFରେ ଯୋଗଦେଲି ଯେତେବେଳେ ଏହା ତା'ର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା । ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଏହି ସଂସ୍ଥା ତା'ର ପ୍ରଥମ ଯୋଜନା କାର୍ଯ୍ୟକାରୀ କଲା ୨୦୧୨ ରେ । IMFA ଏକ ବିଧିବଦ୍ଧ ଶାଖାରୂପେ ଫାଉଣ୍ଡେସନ୍ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିଲା। ଲୋକମାନଙ୍କ ସହିତ ଦୀର୍ଘ ସମ୍ପର୍କ ସ୍ଥାପନ ଓ ସେମାନଙ୍କ ପ୍ରଗତି ପାଇଁ ସୁଯୋଗ ତିଆରି କରିବା ଥିଲା ଏହାର ମୂଳ ଲକ୍ଷ୍ୟ । ସମୟାନୁକ୍ରମେ ଲୋକମାନଙ୍କ ସହ ଜଡ଼ିତ ହୋଇ ରହିବାରେ ଏବଂ ସେମାନଙ୍କ ପାଇଁ ଯୋଜନାବଦ୍ଧ ଭାବେ କାମ କରିବାର ଦୂରଦୃଷ୍ଟିକୁ ଏହା ଚରିତାର୍ଥ କରିପାରିଲା ।

ତୃଣମୂଳ ସ୍ତରରୁ ପରିବର୍ତ୍ତନ ଆଣିବା ଏହାର ଅନ୍ୟତମ ସଫଳତା । ଗୋଷ୍ଠୀ ସମୁଦାୟ ସହ ମିଳିତ ଭାବେ କାର୍ଯ୍ୟ କରୁଥିବା ଓ ସମନ୍ୱୟ ରକ୍ଷା କରୁଥିବା କର୍ମୀମାନେ ଏହାକୁ ତୃଣମୂଳ ସ୍ତରରେ ବିଶ୍ୱାସଭାଜନ କରିପାରିଲେ । କ୍ଷେତ୍ର ପରିଦର୍ଶନ, ସାମର୍ଥ୍ୟ ଗଠନ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟାର ଶିକ୍ଷାଦାନ ସହ ସମ୍ବେଦନଶୀଳତାକୁ ନେଇ ଏହାର ଭିତ୍ତିଭୂମି ସ୍ଥାପନ ହେଲା । BIPFର ପ୍ରତିଟି ଦିନରୁ ଶିଖିବାକୁ ମିଳିଥାଏ । ପ୍ରତିଷ୍ଠାତା ଓ ମାର୍ଗଦର୍ଶକ ଶ୍ରୀମତୀ ଶୈଫାଲିକା ପଣ୍ଡା ଆମକୁ କାର୍ଯ୍ୟଦକ୍ଷତାର କଳା ଶିଖାଇଛନ୍ତି । ଦୀର୍ଘଦିନର ଅନୁଭବ ଏବଂ ପେଶାଦାର ଯୁବବର୍ଗଙ୍କ ସହାୟତାରେ BIPF ଆଜି ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ଏକ ଆଦର୍ଶ ଅନୁଷ୍ଠାନ ରୂପେ BIPFକୁ ମୁଁ ଆଜି ଦେଖିପାରୁଛି ଯାହାର ଅପ୍ରତିହତ ଯାତ୍ରା, ତୃଣମୂଳ ବିକାଶରେ ନିରବିଚ୍ଛିନ୍ନ ପ୍ରୟାସ, ଅନ୍ୟ ଅନୁଷ୍ଠାନକୁ ପ୍ରେରଣା ଦେବା ସହ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତାର ଉଦାହରଣ ସୃଷ୍ଟି କରିଛି ।



ସ୍ୱାତୀ ମହାପାତ୍ରଙ୍କୁ "Long Dedicated Service" ପୁରସ୍କାର

ସ୍ୱାତୀ ମହାପାତ୍ର
ସଂସ୍ଥାର ଅନ୍ୟତମ ପ୍ରାରମ୍ଭିକ କର୍ମକର୍ତ୍ତା,
କର୍ପୋରେଟ୍ ମୁଖ୍ୟାଳୟ, ଭୁବନେଶ୍ୱର



ଡା. ମହାପାତ୍ର, ବିଶେଷ ସ୍ୱାସ୍ଥ୍ୟସେବା ପ୍ରସାର ଶିବିର, କଳିଙ୍ଗ ନଗର

ଗ୍ରାମୀଣ ଅଞ୍ଚଳରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବାବଦରେ ସଚେତନତାର ଅଭାବ ଏକ ଦୀର୍ଘସ୍ଥାୟୀ ସମସ୍ୟା । ଏହାର ସମାଧାନ ଦିଗରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (BIPF) ସ୍ଥାନୀୟ ପ୍ରଶାସନକୁ ଯଥେଷ୍ଟ ସହଯୋଗ କରିଛନ୍ତି । ଆସ୍ଥାର ଅଭାବ ଯୋଗୁଁ ଅପରିଚିତ ସ୍ୱାସ୍ଥ୍ୟ କେନ୍ଦ୍ର ଅବା ଅଜଣା ଡାକ୍ତର ଙ୍କ ପାଖକୁ ଯିବା ପାଇଁ ଅନେକ ପରିବାର କୁଣ୍ଠା ପ୍ରକାଶ କରନ୍ତି।

ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ପହଞ୍ଚାଇବାରେ BIPFର ସହଭାଗିତା ଓ ସମନ୍ୱୟ ଯଥେଷ୍ଟ ସାହାଯ୍ୟ କରିଛି । ସେମାନଙ୍କ ଭ୍ରାମ୍ୟମାଣ ଚିକିତ୍ସା, ବିଶେଷ ଭାବରେ ଗ୍ରାମବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବାକୁ ଘରେ ଘରେ ପହଞ୍ଚାଇବାରେ ବହୁତ ସହାୟକ ହୋଇଛି । ସ୍ୱାସ୍ଥ୍ୟ ସେବାର ସୁଯୋଗ ନେବା ପାଇଁ ଏହା ଉତ୍ସାହିତ କରିଛି ।

ମାତୃ ସ୍ୱାସ୍ଥ୍ୟ ସୁରକ୍ଷାକୁ ମଧ୍ୟ ଏହା ବହୁତ ପ୍ରଭାବିତ କରିଛି । ଫାଉଣ୍ଡେସନର ଗୋଷ୍ଠୀ ସଚେତନତା ଓ ସହଭାଗିତା ମାଧ୍ୟମରେ ମାତୃ ଓ ଶିଶୁ ମୃତ୍ୟୁହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ଆଜି BIPFର ଜନସମ୍ପର୍କ ଅଭିଯାନ ମାଧ୍ୟମରେ ଅନେକ ପରିବାର ଗୋଷ୍ଠୀ ଓ ସାଂଗଠନିକ ସେବାର ସୁବିଧା ସୁଯୋଗ ଆପଣେଇ ପାରିଛନ୍ତି ।

ଡାକ୍ତର ଜ୍ୟୋତିରଞ୍ଜନ ମହାପାତ୍ର
ସୁପରିନଟେଣ୍ଡେଣ୍ଟ,
CHC (ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର), ଦାନଗଡି
(ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ), ଓଡ଼ିଶା

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (BIPF) ସହାୟତାରେ ଆମ ଜନଜାତି ଅଞ୍ଚଳରେ ନିରନ୍ତର ବିକାଶ ଘଟୁଛି ଏବଂ ଆମ ଅଞ୍ଚଳର ଲୋକମାନେ ଉନ୍ନତି ପଥରେ ଅଗ୍ରସର ହେଉଛନ୍ତି । ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷା ଏବଂ ରୋଜଗାର ସୁଯୋଗ ସୃଷ୍ଟି କରିବା ଦିଗରେ ଫାଉଣ୍ଡେସନ ସଫଳ ହେବା ସହ ଆଗରୁ ଯେଉଁ ସୁବିଧା ସୁଯୋଗରୁ ଏଠିକାର ପରିବାରମାନେ ବଞ୍ଚିତ ଥିଲେ ତାହା ସେମାନଙ୍କୁ ମିଳିପାରିଛି । କୌଶଳ ଶିକ୍ଷା କରି ଯୁବକମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି ଓ ସମ୍ମାନର ସହ ଜୀବନ ବଞ୍ଚୁଛନ୍ତି ।

ଡିଜିଟାଲ୍ ସାକ୍ଷରତା ଯୋଗୁଁ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ଓ ବାପା, ମା'ମାନେ ନିଜ ପିଲାଙ୍କ ଉନ୍ନତିରେ ନିଜକୁ ସାମିଲ କରିପାରୁଛନ୍ତି । ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଏକ ସାଂସ୍କୃତିକ ପରିବର୍ତ୍ତନ ଆଣିପାରିଛି । ପରିବାର ଲୋକମାନେ ପ୍ରାଥମିକ ଚିକିତ୍ସା ପାଇଁ ଫାଉଣ୍ଡେସନର ପ୍ରତ୍ୟକ୍ଷ ସହଯୋଗ ଓ ପରାମର୍ଶ ପାଇପାରୁଛନ୍ତି । ଏହା କେବଳ ବ୍ୟକ୍ତିର ବିକାଶ ନୁହେଁ ବରଂ ଗୋଷ୍ଠୀ ଉନ୍ନୟନ କ୍ଷେତ୍ରରେ ସଫଳ ପଦକ୍ଷେପ । ଲୋକମାନେ ଆଉ ପରିବର୍ତ୍ତନକୁ ଅପେକ୍ଷା କରୁନାହାନ୍ତି ବରଂ ପରିବର୍ତ୍ତନକୁ ରୂପ ଦେଉଛନ୍ତି । BIPFର ଅବିରତ ସହଯୋଗ ଓ ସହଭାଗିତା ପାଇଁ ଆମ ଗାଁ ଆଜି ଅଧିକ ସକ୍ଷମ ଓ ଆତ୍ମନିର୍ଭରଶୀଳ ହୋଇପାରିଛି । ଭବିଷ୍ୟତରେ ଏହିଭଳି ସୁଯୋଗ ଆମ ଉନ୍ନତିରେ ସହାୟକ ହେବ ।

ଶ୍ରୀମତୀ କଲ୍ୟାଣୀ ରାଉତ
ସରପଞ୍ଚ,
ମହିଷାଳଦା ଗ୍ରାମ ପଞ୍ଚାୟତ, ଓଡ଼ିଶା



ଶ୍ରୀମତୀ କଲ୍ୟାଣୀ ରାଉତ, ଗୋଷ୍ଠୀ ଶିକ୍ଷା କେନ୍ଦ୍ର, ଚୌଦ୍ୱାର



ହାତବୁଣା ପ୍ରତିଶ୍ରୁତି

BANSIDHAR & ILA PANDA FOUNDATION

ଭୌଗୋଳିକ ପଦଚିହ୍ନ

୬	୯୪	୭	୬୯୦	୨୭,୧୧,୧୭୦
ଜିଲ୍ଲା	ଗ୍ରାମ ପଞ୍ଚାୟତ	ବ୍ଲକ	ଗାଁ	ପ୍ରଭାବିତ ଜୀବନଧାରା



ଓଡ଼ିଶାର ଜିଲ୍ଲା ମାନଚିତ୍ର

ପରିବର୍ତ୍ତନର ମୁଖ୍ୟ ସ୍ରୋତ: ସମୃଦ୍ଧି ଓ ଭରସାର ୫ଟି ସ୍ତମ୍ଭ

ଆରୋଗ୍ୟ ଧାରା

ସ୍ୱାସ୍ଥ୍ୟ ସେବା

- କନ୍ୟା ଏକ୍ସପ୍ରେସ୍
- ଦୃଷ୍ଟି ଚିକିତ୍ସା କେନ୍ଦ୍ର
- ମାତୃ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

ସୁ-ସ୍ୱାସ୍ଥ୍ୟ

ପାନୀୟ ଜଳ, ସ୍ୱଚ୍ଛତା ଓ ପରିମଳ

- WASH କାର୍ଯ୍ୟକ୍ରମ
- ସ୍ୱଚ୍ଛତା ଓ ପରିମଳ ଭିତ୍ତିଭୂମି
- ବିଶୁଦ୍ଧ ପାନୀୟ ଜଳ

ଅଧ୍ୟୟନ

ଗୁଣାତ୍ମକ ଶିକ୍ଷା

- ଗୋଷ୍ଠୀ ଶିକ୍ଷା କେନ୍ଦ୍ର (Community Learning Centre)
- ଡିଜିଟାଲ୍ ଶିକ୍ଷା କେନ୍ଦ୍ର
- BIPF ସ୍କୁଲ୍
- ଇ-ଶିକ୍ଷା ଏକ୍ସପ୍ରେସ୍

ସକ୍ଷମ

ଦକ୍ଷତା ଓ ଜୀବିକା

- ପ୍ରୋଜେକ୍ଟ ଉନ୍ନତି
- ଯୁବ ସକ୍ଷମ

ସମ୍ବାଦ ସମ୍ମାନ

ପରାମର୍ଶ ଓ ସ୍ୱୀକୃତି

- IDEATE
- ଶମ୍ବାବୀ ପୁରସ୍କାର

ଚୁକ୍ତିବଦ୍ଧ ସହଯୋଗୀ

- National Health Mission
- Odisha Livelihood Mission
- Department of Women and Child Development, Odisha
- Department of School & Mass Education, Odisha
- Department of Health & Family Welfare, Government of Odisha
- Department of Agriculture
- Odisha Rural Development and Marketing Society (ORMAS), Government of Odisha
- Ministry of Rural Development (MORD)
- Ministry of Skill Development and Entrepreneurship
- National Bank for Rural & Agriculture Development (NABARD)
- Rural Self Employment Training Institute (RSETI)
- Federation of Indian Chambers of Commerce and Industry (FICCI)
- Global Health Strategies
- Pathfinder
- L V Prasad Eye Institute
- TCS Empowers
- Krishi Vigyan Kendra
- Impact for Nutrition
- Quantum Corp Health Pvt Ltd
- Goa Carbon Limited
- Great Eastern Energy Corporation Ltd (GEECL)
- UNICEF

ଅନେକ ବ୍ୟକ୍ତି ଏକ ପ୍ରତିଶ୍ରୁତି


ବୈଜୟନ୍ତ ପଣ୍ଡା


ଶୁଭ୍ରକାନ୍ତ ପଣ୍ଡା


ଡ଼ଃ ଅରବିନ୍ଦ ବେହେରା

ଆମର ଟ୍ରଷ୍ଟିମାନେ


ପାରମିତା ପଣ୍ଡା


ନିବେଦିତା ଗଣପତି


ପ୍ରଫେସର ରବିନ୍ଦର କୌର


ଶୈଫାଲିକା ପଣ୍ଡା


ବି.ଆଇ.ପି.ଏଫ୍ କର୍ପୋରେଟ୍ ମୁଖ୍ୟାଳୟ



ଅନ୍-ଗ୍ରାଉଣ୍ଡ ଟିମ୍



ଶିଳ୍ପ ତାଲିମ ଅନୁଷ୍ଠାନ ଟିମ୍



ବି.ଆଇ.ପି.ଏଫ୍ ସ୍କୁଲ୍ ଟିମ୍

ଉତ୍କର୍ଷର ଧାରା

SHAMBHAVI PURASKAR

୨୦୧୩

୨୦୧୪
CLTS initiatives

୨୦୧୫
DDU-GKY in partnership with MORD

୨୦୧୬
BIPF - LVPEI Vision Centre
Community Learning Centre

୨୦୧୭
BIPF Sukinda ITI



୨୦୧୮
The BIPF School



୨୦୧୯
Livelihood programme initiated in partnership with NABARD

୨୦୨୦
KANYA EXPRESS

୨୦୨୧
Digital Learning Center

୨୦୨୨
E-SHIKSHYA EXPRESS



୨୦୨୩
Environment friendly Sustainable Agricultural Program

୨୦୨୪
Project Unnati
Working for the betterment of Women

ideate

BANSIDHAR & ILA PANDA FOUNDATION



ସମ୍ପର୍କର ରୁମାଲ

BANSIDHAR & ILA PANDA
FOUNDATION



ରାମସିଂ ହେସା,
କୃଷକ
ତୌଦ୍ୱାର,
ପ୍ରୋଜେକ୍ଟ "ଉନ୍ନତି" (ସକ୍ଷମ)



"ମୁଁ ପ୍ରତିଦିନ ଚାଷ କାମ ପାଇଁ ବିଲକୁ ଯାଏ। ଯଦିଓ କ୍ଷେତ ବଦଳିଲା ନାହିଁ, ମୋର କାମ କରିବାର ତରିକା ବଦଳିଗଲା। ମାଟି ସାଙ୍ଗେ ଯୋଡ଼ି ହୋଇ ଏ ବିକାଶ ସବୁଦିନ ପାଇଁ ରହିଲା। ଆଜି ମୁଁ କେବଳ ଫସଲ ଉତ୍ପାଦନ କରେ ନାହିଁ, ବରଂ ଭବିଷ୍ୟତ ପାଇଁ ବିଶ୍ୱାସ ଗଢ଼େ।"

କ୍ଷେତରେ କାମ କରିବା ମୋର ଦାୟିତ୍ୱ। ଏତେ ବର୍ଷ କାଳ କୃଷି କହିଲେ ମୁଁ ବୁଝେ କଠିନ ପରିଶ୍ରମ କରିବା ଓ ପାଣିପାଗର ଦୟାକୁ ଅପେକ୍ଷା କରିବା। ଏହା ବର୍ଷ ବର୍ଷର ଜଣାଶୁଣା କଥା। ହେଲେ ଚାଷ କାମରୁ ସେମିତି କିଛି ଲାଭ ମିଳୁ ନଥିଲା। ଯେଣୁତେଣୁ ଆମର ଗୁଜୁରାଣ ମେଣ୍ଟି ଯାଉଥିଲା, ହେଲେ ଆମର ଭବିଷ୍ୟତ ସୁରକ୍ଷିତ ନଥିଲା।

ପ୍ରୋଜେକ୍ଟ "ଉନ୍ନତି" ମାଧ୍ୟମରେ ମୁଁ ଆଉ ମୋ ସ୍ତ୍ରୀ କୃଷି ବିଷୟରେ ପାଠ ପଢ଼ିଲୁ ଯାହା ଆମକୁ ଆଗକୁ ବଢ଼ିବାରେ ସାହାଯ୍ୟ କଲା। ଉନ୍ନତ ଧରଣର କୃଷି ପ୍ରଣାଳୀ ବାବଦରେ ମତେ ତାଲିମ ମିଳିଲା - କେମିତି ମାଟିର ଯତ୍ନ ନେବା, ଋତୁ ଅନୁସାରେ ଫସଲ କରିବା, ଗୋଟିଏ ପ୍ରକାର ଫସଲ ଉପରେ ନିର୍ଭର ନ କରି ଅଲଗା ଫସଲ ଚାଷ କରିବା, କେତେ ଜାଗା ଛାଡ଼ି ରୋଇବା ଆଉ ଉଚିତ ସମୟରେ ତାର ଯତ୍ନ ନେବା। ଆଧୁନିକ କୃଷି ପ୍ରଣାଳୀ କେମିତି ଜମି ଆଉ ରୋଜଗାରକୁ ସୁରକ୍ଷା ଦିଏ, ଏସବୁ କଥା ମୁଁ ଶିଖିଲି।

ସବୁଠୁ ବଡ଼ କଥା ଥିଲା, ଜାଗା ଜାଗା ବୁଲି ବିଭିନ୍ନ କ୍ଷେତକୁ ଯାଇ ମୋର ଏ ଶିକ୍ଷା। ମତେ ସେମାନେ ଅନ୍ୟ ଗାଁକୁ ନେଇ ଦେଖାଇଲେ କୃଷି କେମିତି ବଦଳି ଯାଉଛି ଓ ଅନ୍ୟମାନଙ୍କ ଜୀବନକୁ ବଦଳାଇ ପାରିଛି। କୃଷି କେବଳ କଠିନ ପରିଶ୍ରମ ନୁହେଁ ବରଂ ଉଚିତ ନିଷ୍ପତ୍ତିର କଥା। ଫସଲ ଅମଳକୁ ମୁଁ ଅନୁମାନ ଲଗାଇ ପାରିଲି ଆଉ ମୋ କ୍ଷେତ ହସିଲା। କୃଷି ପ୍ରଣାଳୀରେ ଉନ୍ନତି ଆଉ ମୋ ସଂସାରରେ ସୁଖ ଆସିଲା। ଭଲ ଗଣ୍ଡେ ଖାଇବାକୁ ମିଳିଲା, ମୋର ଦେହପା' ବି ଭଲ ରହିଲା। ରୋଜଗାର ବଢ଼ିଲା, ଆମେ ଗୋଟେ ପକ୍କାଘର କରିପାରିଲୁ, ଯାହା ଆମକୁ ଖରା, ବର୍ଷା, ଶୀତ, ଓ ଝଡ଼ ବାତ୍ୟାରୁ ରକ୍ଷା କଲା। ଏହା ମୋ ପରିବାର ପାଇଁ ସୁରକ୍ଷା। ମୋ ପାଇଁ ଗର୍ବର କଥା।

ପ୍ରୋଜେକ୍ଟ ଉନ୍ନତି BIPFର କୃଷି ପ୍ରଶିକ୍ଷଣ ଯୋଜନା, ଭ୍ରମଣ ଓ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ କୃଷକମାନଙ୍କ ପାଇଁ ଜୀବିକା ଉନ୍ନୟନ ପଦକ୍ଷେପ। ମୃତ୍ତିକା ସ୍ୱାସ୍ଥ୍ୟ, ଉତ୍ତମ ଫସଲ ଯୋଜନା, ସମ୍ବଳର ଅଭିବୃଦ୍ଧି ଓ ପରିଚାଳନା, ଉତ୍ପାଦନ କ୍ଷମତା ବୃଦ୍ଧି ଓ ସଚେତନ କୃଷି ପ୍ରଣାଳୀ କ୍ଷେତ୍ରରେ କୃଷକମାନଙ୍କ ଦକ୍ଷତା ବୃଦ୍ଧି ଏହା ଏକ ପ୍ରୟାସ।



ବିଭିନ୍ନ ବର୍ଗର ଲୋକମାନଙ୍କୁ ଡିଜିଟାଲ୍ ଶିକ୍ଷା ପ୍ରଦାନ ପାଇଁ e-shikshya Express ର ପରିକଳ୍ପନା। ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ଏହି ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ୨ଟି ସ୍ୱତନ୍ତ୍ର ଗାଡ଼ିର ବନ୍ଦୋବସ୍ତ କରାଯାଇଛି। ଜରୁରୀ ଡିଜିଟାଲ୍ ଶିକ୍ଷା, କମ୍ପ୍ୟୁଟର ସାଧାରଣ ଜ୍ଞାନ, Microsoft Office Suite, ଇଣ୍ଟରନେଟ୍ ବ୍ୟବହାର, e-billing, ସାଇବର ସୁରକ୍ଷା, ସାମାଜିକ ଗଣମାଧ୍ୟମର ଉଚିତ ବ୍ୟବହାର ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

"ଡିଜିଟାଲ୍ ଶିକ୍ଷା କେବଳ ନିର୍ଦ୍ଦେଶ ଦେବା ନୁହେଁ, ଏହା ଏକ ସେବା ଓ ସଶକ୍ତିକରଣର ମାଧ୍ୟମ। ଲୋକମାନଙ୍କ ଆତ୍ମବିଶ୍ୱାସ ଓ ସାମର୍ଥ୍ୟ ବୃଦ୍ଧିକୁ ଦେଖିବାରେ ହିଁ ସୁଖ। ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଭବିଷ୍ୟତକୁ ରୂପ ଦେବାରେ ଏହା ମୋର ଲକ୍ଷ୍ୟ ପୂରଣ କରେ।"

ସବୁଦିନ ସକାଳେ ମୁଁ ମୋର କମ୍ପ୍ୟୁଟର ଖୋଲେ, ଦେଖେ ଏହା ଠିକ୍ କାମ କରୁଛି ନା ନାହିଁ। ତା'ପରେ ମୁଁ ବିଦ୍ୟାର୍ଥୀମାନଙ୍କୁ ପାଠ ପଢ଼ାଏ, ନୂଆ କଥା ଶିଖାଏ। ସାଧାରଣ କଥାରୁ ଆରମ୍ଭ କରେ - କେମିତି ମାଉସ୍ (mouse) ଧରିବ, କେମିତି ଟାଇପ୍ (type) କରିବ, ଗୋଟିଏ ଡକ୍ୟୁମେଣ୍ଟ (document) ଖୋଲିବ। କିଛି ଛାତ୍ର ମୋ ଠାରୁ ବି ବପ୍ରଜ୍ଞ। ସେମାନେ ଧୈର୍ଯ୍ୟ ଓ ବିଶ୍ୱାସର ସହ ବସନ୍ତି, ଗୋଟିଏ ଅଜଣା ବିଷୟରେ ଜାଣିବାର ଆଗ୍ରହ ନେଇ।

ଧୀରେ ଧୀରେ ତାଙ୍କ ସନ୍ଦେହ ବିଶ୍ୱାସକୁ ବଦଳିଯାଏ। ଯେଉଁ ମହିଳାମାନେ ଆଗରୁ ଡିଜିଟାଲ୍ ଶିକ୍ଷା କ'ଣ ଜାଣି ନଥିଲେ, ଏବେ e-mail ପଠାଇ ପାରୁଛନ୍ତି, online ଫର୍ମ ପୂରଣ କରିପାରୁଛନ୍ତି, document ତିଆରି କରିପାରୁଛନ୍ତି ଆଉ digital ଦକ୍ଷତା ଆପଣେଇ ପାରୁଛନ୍ତି। ଅନେକ ଚାକିରି କଲେଣି ଓ ସ୍ୱାଧୀନ ଭାବରେ ତାଙ୍କ ପରିବାର ପୋଷଣ କରୁଛନ୍ତି। ମୋର ଅନୁଭବ ଯେ ଏହା କେବଳ ନୂତନ କୌଶଳ ନୁହେଁ, ବରଂ ଆତ୍ମବିଶ୍ୱାସର ସୂକ୍ଷ୍ମ ପରିବର୍ତ୍ତନ।

ଶିକ୍ଷକତା ମୋ ପାଇଁ ବ୍ୟକ୍ତିଗତ ହୋଇପାରେ ହେଲେ ମୁଁ ମୋ ବାପାଙ୍କୁ ଦେଖି ବଡ଼ ହୋଇଛି, ସେ କେମିତି କବିତାର ବ୍ୟାଖ୍ୟା କରୁଥିଲେ ଓ ଧୈର୍ଯ୍ୟର ସହିତ ମତେ ପାଠ ପଢ଼ାଉଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ଶିକ୍ଷା ଆମ ଜୀବନରେ ଗଭୀର ପରିବର୍ତ୍ତନ ଆଣିପାରିବ। ଆଜି ମୁଁ ତାଙ୍କ ଦ୍ୱାରା ଅନୁପ୍ରାଣିତ। ଡିଜିଟାଲ୍ ଶିକ୍ଷାଦାନ ଜରି ମୁଁ ପିଲାମାନଙ୍କର ସାମର୍ଥ୍ୟ ବୃଦ୍ଧି କରିପାରିଛି। ମୋର ପରିବାର ପୋଷି ପାରୁଛି ଏବଂ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଭବିଷ୍ୟତ ଗଢ଼ିବାରେ ସହଯୋଗ ଦେଇପାରୁଛି।

ସ୍ନେହସ୍ରୀ ମହାନ୍ତି
ପ୍ରଶିକ୍ଷିକା
ସୁକିନ୍ଦା, ପ୍ରୋଜେକ୍ଟ "ଅଧ୍ୟୟନ"



ସ୍ମୃତି,
ଛାତ୍ରୀ
ସୁକିଦା,
ପ୍ରୋଜେକ୍ଟ "କନ୍ୟା-ଏକ୍ସପ୍ରେସ୍"

"ଆଗଭଳି ମୁଁ ମୋର ସ୍ୱାସ୍ଥ୍ୟକୁ ଆଉ ଅବହେଳା କରୁନାହିଁ। ଦୃଢ଼ ଓ ସଚେତନ ରହିବା କଥା ମୁଁ ଶିଖିଛି। ସୁସ୍ଥ ରହିଲେ ଆତ୍ମବିଶ୍ୱାସର ସହିତ ମୁଁ ମୋର ସ୍ୱପ୍ନକୁ ସାକାର କରିପାରିବି।"

କନ୍ୟା ଏକ୍ସପ୍ରେସ୍ ଆମ ଅଞ୍ଚଳକୁ ଆସିବା ଆଗରୁ, ମୁଁ ମୋର ସ୍ୱାସ୍ଥ୍ୟ କଥା କେବେ ଭାବି ନଥିଲି। ଆମ ଗାଁର ବହୁତ ଝିଅ ସେମିତି ହିଁ ଥିଲେ। ଆମ ଶରୀରକୁ ନେଇ ପ୍ରଶ୍ନ ପଚାରିବା ବାବଦରେ ଆମେ ସଚେତନ ନଥିଲୁ। ଏହି ଗାଡ଼ି ପ୍ରଥମେ ଯେବେ ଆମ ଗାଁକୁ ଆସିଲା, ମୋର କୌତୂହଳ ଥିଲା ହେଲେ ମୋତେ ଲାଜ ମାଡୁଥିଲା।

ହେଲେ ଡାକ୍ତର ଓ ଦିଦି ମାନେ ମୋ କଥା ଧୈର୍ଯ୍ୟର ସହ ଶୁଣିଲେ ଆଉ ମୋତେ ବୁଝାଇଲେ ଯେମିତି ମୁଁ ସହଜରେ ବୁଝିପାରିବି। ଆମ ମନ କଥା ଖୋଲି କହିବାକୁ ସେମାନେ ଉତ୍ସାହ ଦେଲେ। ଶିଖିବା କେବେ ବିରକ୍ତିକର ନଥିଲା। ବିଭିନ୍ନ ଖେଳ, ପ୍ରଶ୍ନ ଉତ୍ତର ମାଧ୍ୟମରେ ଆମେ ଆମ ଶରୀରକୁ ବୁଝିପାରିଲୁ। ଆଉ ଏକାଠି ଭାଗ ନେଇ ଖୁସି ହେଲୁ। ଆମର ହିମୋଗ୍ଲୋବିନ ପରୀକ୍ଷା କରାଗଲା। ହିମୋଗ୍ଲୋବିନ ମାତ୍ରା କମିଗଲେ କ'ଣ କ୍ଷତି ହୁଏ, ଲୌହସାରର (Iron) ଉପକାରିତା ଆଉ ସେହି ବଟିକାର ଗୁରୁତ୍ୱ ବିଷୟରେ ସେମାନେ ଆମକୁ ବୁଝାଇଲେ। କେଉଁ ଫଳ ଆଉ ଖାଦ୍ୟ ହିମୋଗ୍ଲୋବିନର ମାତ୍ରା ବଢ଼ାଏ ସେ ବିଷୟରେ କହିଲେ। ସେମାନେ ଆମ ସହିତ ଓ ଆମ ପରିବାର ସହିତ ସାଙ୍ଗ ଭଳି ମିଶୁଥିଲେ। ତେଣୁ ତାଙ୍କର ଆଲୋଚନାରେ ଆମେ ଅଧିକ ଭାଗ ନେଲୁ। ସ୍ୱାସ୍ଥ୍ୟ ସମ୍ପର୍କରେ ଶିକ୍ଷା ମୋର ଆତ୍ମବିଶ୍ୱାସ ବଢ଼ାଇ ପାରିଲା। ମୁଁ ଯାହା ଶିଖିଲି ମୋର ସାଙ୍ଗସାଥୀ ଓ ପରିବାର ସାଙ୍ଗେ ବାଣ୍ଟି ପାରିଲି।

"କନ୍ୟା ଏକ୍ସପ୍ରେସ୍" ଯୁବତୀମାନଙ୍କ ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ। ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ଯୁବତୀ ମାନଙ୍କୁ ରକ୍ତହୀନତା (Anemia) ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ସଚେତନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ମୋବାଇଲ୍ ହେଲ୍‌ଥ ଭ୍ୟାନ୍ ଦୁର୍ଗମ ଅଞ୍ଚଳ ବୁଲି ହିମୋଗ୍ଲୋବିନ ପରୀକ୍ଷା କରିବା ସହିତ ରକ୍ତହୀନତା, ପୋଷଣ, ସ୍ୱଚ୍ଛତା, ଗର୍ଭଧାରଣ ସମ୍ବନ୍ଧୀୟ ଅଧିକାର ବାବଦରେ ସଚେତନ କରାଯାଇଥାଏ। ଏହା ସହିତ ରକ୍ତହୀନତା ଭୋଗୁଥିବା ଯୁବତୀମାନଙ୍କୁ ବିଶେଷଜ୍ଞ ପରାମର୍ଶ, ପରବର୍ତ୍ତୀ ପରୀକ୍ଷାର ସମୟ ଓ ଚିକିତ୍ସା ସେବା ଯୋଗାଇ ଦେଇଥାଏ। ପ୍ରଯୁକ୍ତିବିଦ୍ୟା ସହାୟତାରେ ବିଭିନ୍ନ ପ୍ରଶ୍ନୋତ୍ତର ଓ ସୂଚନା ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥାଏ।



ପ୍ରୋଜେକ୍ଟ "ଯୁବ ସକ୍ଷମ" ଏକ ବ୍ୟାପକ କୌଶଳ ବିକାଶ କାର୍ଯ୍ୟକ୍ରମ ଯାହା ଯୁବବର୍ଗଙ୍କୁ ରୋଜଗାରକ୍ଷମ କରି ଜାତୀୟ ବିକାଶରେ ସହଯୋଗ କରେ। ସୁକିଦା ITI ଦକ୍ଷତା ପ୍ରଶିକ୍ଷଣ, ଧନ୍ଦାମୂଳକ ଶିକ୍ଷା, ଉଦ୍ୟମିତା କ୍ଷେତ୍ରରେ ପରାମର୍ଶ ଦ୍ୱାରା ଦକ୍ଷ ଓ କୁଶଳୀ ଶ୍ରମବଳ ଗଠନ କରିବାର ଲକ୍ଷ୍ୟ ରଖେ।

ବୟସ ବଢ଼ିବା ସହିତ ମୋର ଧାରଣା ଥିଲା ଯେ ଭବିଷ୍ୟତ ତା' ନିଜ ଇଚ୍ଛାରେ ଘଟେ। ଏବେ ମୁଁ ଭାବୁଛି ଭବିଷ୍ୟତ ଅସ୍ପଷ୍ଟ ନୁହେଁ। ଏହାର ରୂପ ଅଛି, ଦିଗ ଅଛି। ପ୍ରଶିକ୍ଷଣରୁ ମୁଁ ଶିଖିଲି ଯେ ସ୍ୱାଧୀନତା ଅମୂଳକ ନୁହେଁ। ଏହା ଏକ କଳା ଓ କୌଶଳ ଯାହା ଆମେ ଧୀରେ ଧୀରେ ଅକ୍ତିଆର କରୁ।"

ଜଣେ ଚାଷୀର ଝିଅ ଭାବରେ ଦାୟିତ୍ୱ କ'ଣ ମୁଁ ବୁଝିଛି, ହେଲେ ସ୍ୱାଧୀନତା କ'ଣ, ସେ ବିଷୟରେ ମୋର କିଛି ଧାରଣା ନଥିଲା। ବାପାଙ୍କୁ ଦେଖିଛି ବିଲରେ କେତେ ପରିଶ୍ରମ କରନ୍ତି, ହେଲେ ଭବିଷ୍ୟତ ଆମ ହାତରେ ନଥାଏ।

ଯେବେ ITIରେ ଇଲେକ୍ଟ୍ରିସିଆନ୍ କୋର୍ସରେ ଭର୍ତ୍ତି ହେଲି, ମୋର ଜୀବନରେ ପରିବର୍ତ୍ତନ ଆସିଲା। ତାର, ସ୍ୱିଚ୍ ବୋର୍ଡ ଆଉ ବିଦ୍ୟୁତ୍ ଉପକରଣ ସାଙ୍ଗେ ମୋର ସକାଳ ଆରମ୍ଭ ହେଲା। ସର୍କିଟ୍ ଆଉ ଯନ୍ତ୍ରପାତି ସବୁ ପ୍ରଥମେ ମୋତେ ଅବୁଝା ଲାଗିଲା। ଧୀରେ ଧୀରେ ମୁଁ ତାର ସବୁ ଯୋଡ଼ିବା ଶିଖିଲି, ସ୍ୱିଚ୍ ସଜାଡ଼ିଲି, ବିଦ୍ୟୁତ୍ ପ୍ରବାହ ଯାଞ୍ଚ କଲି। ବିଭିନ୍ନ ଅଂଶକୁ ଏକାଠି କରି ବୁଝିଲି ସର୍କିଟ୍ କେମିତି କାମ କରେ।

ସର୍କିଟ୍‌କୁ ଠିକ୍ ଭାବେ ଯୋଡ଼ିଲା ପରେ ବଲ୍ବ ଜଳିଲା, ଏହା ମୋ ପାଇଁ ଆଶ୍ଚର୍ଯ୍ୟର ମୁହୂର୍ତ୍ତ ଥିଲା। ମୋତେ ଖୁସିଲାଗିଲା, ମୁଁ ଠିକ୍ ଭାବରେ ସବୁ ଅଂଶକୁ ଯୋଡ଼ିପାରିଛି। ମୁଁ ଖାଲି ସୂତ୍ର ପଢୁ ନଥିଲି ଯେ ଭୁଲିଯିବି। ମୁଁ ଏହାର ପ୍ରୟୋଗ ଜାଣୁଥିଲି। ପ୍ରତିଟି ସଂଯୋଗ ମୋର ଭବିଷ୍ୟତକୁ ଅନିଶ୍ଚିତତାରୁ ମୁକ୍ତ କଲା।

ୱାର୍କସପ୍ ଭିତରେ ସ୍ୱାଧୀନତା ଆଉ ଅସ୍ପଷ୍ଟ ନଥିଲା। ନିରନ୍ତର ଅଭ୍ୟାସ ଦ୍ୱାରା ଏହା ଧୀରେ ଧୀରେ ସ୍ପଷ୍ଟ ହେବା ଆରମ୍ଭ ହେଲା। ବିଦ୍ୟୁତ୍ ସଂଯୋଗ ଓ ଇଲେକ୍ଟ୍ରିକ୍ ମୋଟର ମରାମତି କରି ମୋର ଆତ୍ମବିଶ୍ୱାସ ବଢ଼ିଲା। ଆଉ ଏବେ ମୁଁ ମୋର ପରିବାରକୁ ସହାୟତା ଦେଇପାରିବି। ସମ୍ମାନର ସହିତ ରୋଜଗାର କରିପାରିବି। ନିଜ ଗୋଡ଼ରେ ଛିଡ଼ା ହୋଇପାରିବି ଓ ନିଜ ଭବିଷ୍ୟତର ରାସ୍ତା ବାଛିପାରିବି।

ପାର୍ବତୀ ନାୟକ
ITI ଛାତ୍ରୀ
ସୁକିଦା, ପ୍ରୋଜେକ୍ଟ "ଯୁବ ସକ୍ଷମ"



ଗାଁ ଆଖପାଖରେ ପାନୀୟ ଜଳର ଅଭାବରୁ ମଝିମାଣୀ କଡ୍ରକ ପ୍ରତିଦିନ ପାଣି ଆଣିବା ପାଇଁ ବହୁତ ଦୂର ଜାଗାକୁ ଯାଆନ୍ତି । ତାଙ୍କୁ ସାହାଯ୍ୟ କରିବାରେ ତାଙ୍କ ଝିଅ ସ୍କୁଲ୍ ଯାଇପାରେ ନାହିଁ । ନଳକୂପଟିଏ ବସିଲା ପରେ ପ୍ରତି ଘରେ ପାନୀୟ ଜଳ ପହଞ୍ଚି ପାରିଲା । ପାଣି ପାଇଁ ଦୂର ଜାଗାକୁ ନ ଯାଇ ସେ ନିଜ ଜୀବିକା ଅର୍ଜନ ପାଇଁ ସମୟ ଦେଲେ ଓ ତାଙ୍କ ପିଲାମାନେ ପୁଣି ସ୍କୁଲ୍ ଯାଇପାରିଲେ ।

ମଝିମାଣୀ କଡ୍ରକ
ଗୃହିଣୀ
ଥେରୁବାଲି,
ପ୍ରୋଜେକ୍ଟ "ସୁସ୍ୱାସ୍ଥ୍ୟ"

ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସହଭାଗିତାରେ "ସୁସ୍ୱାସ୍ଥ୍ୟ", ସ୍ୱଚ୍ଛତା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରିଥାଏ । ଆମର ପାନୀୟ ଜଳ ଓ ପରିମଳ କାର୍ଯ୍ୟକ୍ରମ ସାହାଯ୍ୟରେ ନଳକୂପ ବସାଇବା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ତ୍ୱରାନ୍ୱିତ ହୋଇପାରିଛି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ଉପଲବ୍ଧ କରାଇବା ଆମର ଲକ୍ଷ୍ୟ ।



ଶକ୍ତିଲତା ଦେହୁରୀ
ଅଙ୍ଗନୱାଡ଼ି କର୍ମୀ,
ସୁକିନ୍ଦା,
ପ୍ରୋଜେକ୍ଟ "ଆରୋଗ୍ୟ ଧାରା"



"ଉଚିତ ପୋଷଣ ଓ ସ୍ୱାସ୍ଥ୍ୟ ନେଇ ପିଲାଟିଏ ବଡ଼ ହେଲେ ମା'କୁ ବଳ ମିଳେ। ଏହା ଆମ ପ୍ରୟାସକୁ ସାମର୍ଥ୍ୟ ଦିଏ। ଏହିଭଳି ଧୀରେ ଧୀରେ ପରିବାରରୁ ହିଁ ପରିବର୍ତ୍ତନ ଆରମ୍ଭ ହୋଇଥାଏ।"

ବହୁବର୍ଷ ହେବ ମୁଁ ଅଙ୍ଗନୱାଡ଼ି କର୍ମୀ ଭାବେ କାମ କରିଆସୁଅଛି। ସକାଳୁ ଆମ କାମ ଆରମ୍ଭ ହୁଏ ଓ ଦିନସାରା ଚାଲେ। ଛୋଟ ପିଲା, ଗର୍ଭବତୀ ମହିଳା ଓ ପ୍ରସୂତୀମାନଙ୍କର ଆମେ ଯତ୍ନ ନେଉ। ସେମାନେ ଠିକ୍ ସମୟରେ ଖାଇଲେ ନା ନାହିଁ ଓ ସେମାନଙ୍କର ଓଜନ ଆମେ ପରୀକ୍ଷା କରୁ। ଅଙ୍ଗନୱାଡ଼ି କେନ୍ଦ୍ର ବାହାରେ ବିଭିନ୍ନ ଗୋଷ୍ଠୀ ସହ ମିଶି ମଧ୍ୟ ଆମେ କାମ କରୁ।

ଘରେ ଘରେ ବୁଲି ପରିବାର ସହିତ ପୋଷଣ, ସ୍ୱଚ୍ଛତା, ଟିକାକରଣ ଓ ମୌଳିକ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଆମେ କଥା ହେଉ। ସରକାରୀ ଅଭିଯାନ ଓ ସର୍ବେକ୍ଷଣ ସମୟରେ ଆମେ ତଥ୍ୟ ସଂଗ୍ରହ କରୁ, ତାର ରେକର୍ଡ ରଖୁ ଏବଂ ରିପୋର୍ଟ ଦାଖଲ କରୁ। ଯଦିଓ ଏ କାମ ଏତେ ସହଜ ନୁହେଁ, ଆମର ବିଶ୍ୱାସ ଆମେ ପିଲାଙ୍କ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛୁ।

BIPF ନିରନ୍ତର ଭାବେ ଗର୍ଭଧାରଣର ପୂର୍ବ ଅବସ୍ଥା, ଗର୍ଭବତୀ ମହିଳା ଓ ପ୍ରସୂତୀ ଏବଂ ସନ୍ତାନ ଜନ୍ମର ପରବର୍ତ୍ତୀ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରେ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ମିଶି BIPF ଟିକାକରଣ କାର୍ଯ୍ୟକ୍ରମ ଆୟୋଜନ କରେ। ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ଟିକାକରଣ ନିମନ୍ତେ ଗୋଷ୍ଠୀ ସଚେତନତା ସୃଷ୍ଟି କରେ।



ସୁଜାତା ଦେହୁରୀ (ବୋହୂ)
ଗୃହିଣୀ,
ବୌଦ୍ୱାର
ପ୍ରୋଜେକ୍ଟ "ଅଧ୍ୟୟନ"

କାଞ୍ଚନ ଦେହୁରୀ (ଶାଶୁ)
ଗୃହିଣୀ,
ବୌଦ୍ୱାର
ପ୍ରୋଜେକ୍ଟ "ଅଧ୍ୟୟନ"

ଲେଖାପଢ଼ାର ଗୋଟେ ବୟସ ଥାଏ ଆଉ ମୋର ସେ ବୟସ ଗଲାଣି ଏକଥା ମୁଁ ଜାଣିଥିଲି। ଲେଖିବା, ପଢ଼ିବା, ନିଜ ନାଁ ଲେଖି ଦସ୍ତଖତ କରିବା ଏସବୁ ବିନା ମୋର ଚଳୁଥିଲା। ହେଲେ ମୁଁ ଜାଣିପାରୁଥିଲି ଏସବୁ ବିନା ଗୋଟେ ସ୍ତ୍ରୀଲୋକର ଜୀବନ କେତେ କଷ୍ଟ। ମୁଁ ଦେଖିଲି ମୋ ବୋହୂ ବି ମୋ ଭଳି ସେସବୁ ଅସୁବିଧାର ସାମ୍ନା କରୁଛି। ମୁଁ ଚାହିଁଲି ସେ ମୋ ଭଳି ଅନ୍ୟ ଉପରେ ନିର୍ଭର ନ କରୁ, ତାର ବିଶ୍ୱାସ ଆସୁ, ସେ ତା ପିଲାର ପାଠ ଦେଖିପାରୁ, ବ୍ୟାଙ୍କ, ଅଫିସ୍ ଯିବା ପାଇଁ ତାକୁ ଲାଜ ନ ମାଡୁ। ମୁଁ ତାକୁ କହିଲି, ତୁ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଯାଉନୁ।"

ଯେତେବେଳେ କ୍ଲାସ କରିବା ଆରମ୍ଭ କଲା ସେ କେମିତି ବଦଳିବା ଆରମ୍ଭ କଲା ତାହା ମୁଁ ଦେଖିଛି। ଅକ୍ଷର ମାନେ ଶବ୍ଦ ବନିଗଲେ ଆଉ ତାର ଡର ଦମ୍ ପାଲଟିଗଲା। ସେ ନିଜ ନାଁ ଲେଖି ଦସ୍ତଖତ କରି ପାରିଲା, ଫୋନ୍ ଲଗାଇ କଥା ହୋଇପାରିଲା। ଏକଥା ଦେଖି ମତେ ବି ସାହସ ମିଳିଲା। ସେ ଯଦି ପାରିଲା ମୁଁ ବି ପାରିବି।

ଆଜି ଆମେ ଏକାଠି ପାଠ ପଢୁଛୁ। ଲେଖି ପାରୁଛୁ, ପଢ଼ି ପାରୁଛୁ ଏବଂ ଆଗକୁ ବଢ଼ି ପାରୁଛୁ। BIPFର ଗୋଷ୍ଠୀ ଶିକ୍ଷା କେନ୍ଦ୍ର ସାହାଯ୍ୟରେ ଶିକ୍ଷା ଆମ ଘରେ ପହଞ୍ଚି ପାରିଛି। ଏହା ଆମକୁ ଖାଲି କୌଶଳ ଶିଖାଇ ନାହିଁ, ନିଜ ପ୍ରତି ଆମର ଧାରଣା ବି ବଦଳାଇ ପାରିଛି ଆଉ ଯେଉଁ ମହିଳାଙ୍କ ଭବିଷ୍ୟତ କଥା ଆମେ ଭାବୁ ତାଙ୍କର ବି।

ଗୋଷ୍ଠୀ ଶିକ୍ଷା କେନ୍ଦ୍ର (CLC) ସ୍ଥାପନ BIPFର ଏକ ବିଶେଷ ଅଭିଯାନ। ଏହା ସ୍କୁଲ ଶିକ୍ଷାରୁ ବଞ୍ଚିତ ୧୫-୪୫ ବର୍ଷର ମହିଳାମାନଙ୍କୁ ସାକ୍ଷର ଓ ସ୍ୱାବଲମ୍ବୀ କରିବାର ପ୍ରୟାସ। ସେମାନଙ୍କର ସାମାଜିକ କୌଶଳ ଶିକ୍ଷା ଓ ଆର୍ଥିକ ସାକ୍ଷରତାକୁ ମଧ୍ୟ ଏହା ସୁଗମ କରିଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଗ୍ରାମୀଣ ମହିଳାମାନଙ୍କର ଶିକ୍ଷା କ୍ଷେତ୍ରରେ ପ୍ରଗତି, ଆତ୍ମନିର୍ଭରଶୀଳତା ଓ ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରିଥାଉ।



ସୃଷ୍ଟିର ତାରକସି

BANSIDHAR & ILA PANDA
FOUNDATION



ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହିତ ଶ୍ରୀମତୀ ଶୈଫାଲିକା ପଣ୍ଡା ଓ ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା; ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀ, ଜୁଲାଇ-୨୦୨୪



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସହିତ ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା; ଭୁବନେଶ୍ୱର, ଓଡ଼ିଶା-୨୦୨୪



ଓଡ଼ିଶାର ପୂର୍ବତନ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କ ସହିତ ଶ୍ରୀମତୀ ଶୈଫାଲିକା ପଣ୍ଡା; ରାଜଭବନ, ଭୁବନେଶ୍ୱର, ଓଡ଼ିଶା- ୨୦୨୦



ଦିଲ୍ଲୀର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ଠାରୁ NewsX ପ୍ରଦତ୍ତ 'ଶକ୍ତି ପୁରସ୍କାର' ଗ୍ରହଣ ଅବସରରେ ଶ୍ରୀମତୀ ଶୈଫାଲିକା ପଣ୍ଡା, ନୂଆଦିଲ୍ଲୀ, ଅଗଷ୍ଟ-୨୦୨୫



ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଶ୍ରୀଯୁକ୍ତ ଜୟନ୍ତ ଚୌଧୁରୀ, ଦକ୍ଷତା ବିକାଶ, ଉଦ୍ୟମିତା ଏବଂ ଶିକ୍ଷା; ଶ୍ରୀମତୀ ଆଦ୍ୟାଶା ଶତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ, "ଧରିତ୍ରୀ" ଏବଂ ଶ୍ରୀମତୀ ଶୈଫାଲିକା ପଣ୍ଡା; ଭୁବନେଶ୍ୱର, ଓଡ଼ିଶା, ମାର୍ଚ୍ଚ-୨୦୨୫



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ,ଓଡ଼ିଶାର ପୂର୍ବତନ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା, ଭୁବନେଶ୍ୱର, ଓଡ଼ିଶା-୨୦୨୨



ଡଃ. ମୁଞ୍ଜପାରା ମହେନ୍ଦ୍ରଭାଇ, ମାନ୍ୟବର ରାଷ୍ଟ୍ରମନ୍ତ୍ରୀ, WCD & AYUSH India, ଶ୍ରୀଯୁକ୍ତ ଇଦେବର ପାଣ୍ଡେ, ସଚିବ, WCD, ଶ୍ରୀମତୀ ସୁସାନ୍ ଜାନେ ଫରଗୁସନ୍ , ବିଶେଷ ପ୍ରତିନିଧି, UN Women,ଡଃ ସଙ୍ଗୀତା ରେଡ୍ଡୀ, ବେୟାର୍ଡ, G-20 Empower ଓ ଶ୍ରୀମତୀ ଶୈଫାଲିକା ପଣ୍ଡା, G20 EMPOWER, ତିରୁଭନନ୍ତପୁରମ୍, କେରଳ, ଏପ୍ରିଲ-୨୦୨୩



ଶ୍ରୀଯୁକ୍ତ ବି.ଭି.ଆର. ଶୁବ୍ରମଣ୍ୟମ୍, ମୁଖ୍ୟ କାର୍ଯ୍ୟନିର୍ବାହୀ, NITI ଆୟୋଗ ଏବଂ ଶ୍ରୀଯୁକ୍ତ ଏନ୍.ଏସ୍. ଜିଶୋର ଓ ଶ୍ରୀଯୁକ୍ତ ପ୍ରଭାକର ସାହୁ, IMFA କାର୍ଯ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା, ଫେବୃଆରି-୨୦୨୨



ଡଃ. ଆର୍. ବାଲସୁବ୍ରମଣ୍ୟମ୍, ମାନ୍ୟବର ସଦସ୍ୟ, ମାନବ ସମ୍ବଳ ଓ ଦକ୍ଷତା ବିକାଶ ଆୟୋଗ, ଭାରତ ସରକାର; ୧୦ମ ଶମ୍ଭାବୀ ପୁରସ୍କାର ଉତ୍ସବ, ଭୁବନେଶ୍ୱର, ଓଡ଼ିଶା, ମାର୍ଚ୍ଚ-୨୦୨୩



ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ପ୍ରତାପ ରୁଡି, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ), ଦକ୍ଷତା ବିକାଶ ଏବଂ ଉଦ୍ୟମିତାଙ୍କୁ BIPF ଶିଳ୍ପ ତାଲିମ୍ ଅନୁଷ୍ଠାନ (ITI) ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା; ଭୁବନେଶ୍ୱର, ଓଡ଼ିଶା, ମେ'-୨୦୧୭



ଗୋଷ୍ଠୀ ଉନ୍ନୟନ ସଦସ୍ୟଙ୍କ ସହ ଶ୍ରୀମତୀ ଶୈଫାଲିକା ପଣ୍ଡା, ଥେରୁବାଲି, ଓଡ଼ିଶା-୨୦୧୪



ଶ୍ରୀମତୀ ଶୋଭନା ଭାରତୀୟ, ଅଧକ୍ଷା ଓ ସମ୍ପାଦକୀୟ ନିର୍ଦ୍ଦେଶିକା, HT Media ଏବଂ ଶ୍ରୀମତୀ ଶୈଫାଲିକା ପଣ୍ଡା; 14th Ideate Conclave, ନୂଆଦିଲ୍ଲୀ, ସେପ୍ଟେମ୍ବର-୨୦୨୫



ଶ୍ରୀମତୀ ଜୈନାଲାଲ୍ ଜିଦ୍ୱାଇ, ଅଧକ୍ଷା, Rothschild & Co India,ଏବଂ ପୂର୍ବତନ ସଭାପତି FICCI, ଶ୍ରୀମତୀ ସୁସ୍ମାନ, KARM Fellow ଓ ଶ୍ରୀମତୀ ଚଣ୍ଡିଫାଲିକା ପଣ୍ଡା, 14th Ideate Conclave, ନୂଆଦିଲ୍ଲୀ, ସେପ୍ଟେମ୍ବର -୨୦୨୫



ଶ୍ରୀମତୀ ଆନ୍ନା ରାୟ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, NITI Ayog, ଶ୍ରୀଯୁକ୍ତ ଓସାମା ମଞ୍ଜର, ପ୍ରତିଷ୍ଠାତା DEF ଏବଂ ଶ୍ରୀମତୀ ଚଣ୍ଡିଫାଲିକା ପଣ୍ଡା, ନୂଆଦିଲ୍ଲୀ, ସେପ୍ଟେମ୍ବର-୨୦୨୩



ପ୍ରୋଜେକ୍ଟ ଅଧ୍ୟୟନ : ବିନ୍ଧ୍ୟ ବିଦ୍ୟାଳୟ, ଥେରୁବାଲି,ର ବିଦ୍ୟାର୍ଥୀମାନେ, ଥେରୁବାଲି, ଓଡ଼ିଶା, ମାର୍ଚ୍ଚ -୨୦୧୭



ଶ୍ରୀମତୀ ଉଷା ପାଢୀ, I.A.S., ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର ଏବଂ ଶ୍ରୀମତୀ ଚଣ୍ଡିଫାଲିକା ପଣ୍ଡା, ଦ୍ୱିତୀୟ ଶମ୍ଭାବୀ ପୁରସ୍କାର ଉତ୍ସବ, ଭୁବନେଶ୍ୱର, ଓଡ଼ିଶା, ମାର୍ଚ୍ଚ-୨୦୧୫



ଶ୍ରୀମତୀ ନିବେଦିତା ଗଣପତି, ଟ୍ରଷ୍ଟି, BIPF, ବି.ଆଇ.ପି.ଏଫ୍. ବିଦ୍ୟାଳୟ , ଚୌଦ୍ୱାର୍ର ବାର୍ଷିକ ଉତ୍ସବ ଅବସରରେ, ଡିସେମ୍ବର-୨୦୨୫



ଶ୍ରୀମତୀ ପାରମିତା ପଣ୍ଡା, ଟ୍ରଷ୍ଟି BIPF, ଶ୍ରୀଯୁକ୍ତ ବିଜୟାନନ୍ଦ ମହାପାତ୍ର ମୁଖ୍ୟ ପରିଚାଳନା ଅଧିକାରୀ, ୧୭ତମ ପ୍ରଫେସର ଘନଶ୍ୟାମ ଦାସ ଛାତ୍ରବୃତ୍ତି କାର୍ଯ୍ୟକ୍ରମ, ଭୁବନେଶ୍ୱର, ଓଡ଼ିଶା, ଡିସେମ୍ବର-୨୦୨୧



ଶ୍ରୀମତୀ ସାରା ଅବୁଦୁଲ୍ଲା ପାଇଲଟ୍, ପ୍ରତିଷ୍ଠାତା CEQUIN, ଶ୍ରୀମତୀ ରାଧିକା ଭାରତ ରାମ, ପ୍ରତିଷ୍ଠାତା, KARM, ଶ୍ରୀମତୀ ତାରୁ ସିଂ, ଟ୍ରଷ୍ଟି, କିଷାନ୍ ଟ୍ରଷ୍ଟ , ଶ୍ରୀମତୀ ପ୍ରିୟା ସେହ୍ରଗଲ୍, ସମ୍ପାଦକୀୟ ନିର୍ଦ୍ଦେଶିକା, NewsX ଓ ଶ୍ରୀମତୀ ଚଣ୍ଡିଫାଲିକା ପଣ୍ଡା, We Women Want Conclave 2025, ନୂଆଦିଲ୍ଲୀ, ସେପ୍ଟେମ୍ବର-୨୦୨୫



ଶ୍ରୀମତୀ ଶୈଫାଲିକା ପଣ୍ଡା BIPF ସୁକିଦା ଶିଳ୍ପ ତାଲିମ୍ ଅନୁଷ୍ଠାନ (ITI) ର ଛାତ୍ରଛାତ୍ରୀମାନଙ୍କ ସହିତ,
ଜାନୁଆରୀ-୨୦୨୫



Indian School of Business (ISB), Hyderabad ର Dean ଶ୍ରୀଯୁକ୍ତ ମଦନ ପିଲୁଲା ଙ୍କ ସହିତ,
ଶ୍ରୀଯୁକ୍ତ ଶୁଭକାନ୍ତ ପଣ୍ଡା ଓ ଶ୍ରୀମତୀ ଶୈଫାଲିକା ପଣ୍ଡା, ହାଇଦ୍ରାବାଦ, ତେଲେଙ୍ଗାନା,
ଡିସେମ୍ବର -୨୦୨୫



ଶ୍ରୀମତୀ ଶୈଫାଲିକା ପଣ୍ଡାଙ୍କ ISB, Hyderabad ର ବିଦ୍ୟାର୍ଥୀମାନଙ୍କ ସହ ଭାବ ବିନିମୟ, ହାଇଦ୍ରାବାଦ, ତେଲେଙ୍ଗାନା, ଡିସେମ୍ବର -୨୦୨୫



ଥୋରୁବାଲିର ଗୋଷ୍ଠୀସମୁଦାୟ ଙ୍କ ଦ୍ୱାରା ଶ୍ରୀମତୀ ଶୈଫାଲିକା ପଣ୍ଡାଙ୍କୁ
ସ୍ୱାଗତ ସମ୍ବର୍ଦ୍ଧନା, ଥୋରୁବାଲି, ଓଡ଼ିଶା-୨୦୧୨



ଶ୍ରୀମତୀ ଶୈଫାଲିକା ପଣ୍ଡାଙ୍କୁ Hurun India Moment of Lift Award 2025 ପ୍ରଦାନ ଅବସରରେ
ଶ୍ରୀଯୁକ୍ତ ଅନସ୍ ରହ୍ମାନ୍ ଜୁନେଇଦ୍ ଓ ଶ୍ରୀଯୁକ୍ତ ସଞ୍ଜୟ୍ ରଘୁରମଣ, ମୁମ୍ବାଇ, ମହାରାଷ୍ଟ୍ର, ଅକ୍ଟୋବର-୨୦୨୫



କନ୍ୟା ଏକ୍ସପ୍ରେସ୍+ର ପରାମର୍ଶଦାତା, ପ୍ରଶିକ୍ଷିକା ଏବଂ ପାଥୋଲୋଜିଷ୍ଟଙ୍କ ସହ ଶ୍ରୀମତୀ ଶୈଫାଲିକା ପଣ୍ଡା,
ସୁକିଦା, ଓଡ଼ିଶା, ନଭେମ୍ବର-୨୦୨୫



BIPF କୁ ICC Award for Social Impact 2020 ପ୍ରଦାନ ଅବସରରେ, କୋଲକାତା, ଫେବୃଆରୀ-୨୦୨୦



ଶ୍ରୀମତୀ ରାଜଶ୍ରୀ ବିର୍ଲା, ପରିଚାଳିକା ଏବଂ ନିର୍ଦ୍ଦେଶିକା, ଆଦିତ୍ୟ ବିର୍ଲା ଗ୍ରୁପ ଓ ଡା. ସଙ୍ଗୀତା ରେଡ୍ଡୀ,
ଯୁଗ୍ମ ପରିଚାଳନା ନିର୍ଦ୍ଦେଶିକା, ଆପୋଲୋ ହସପିଟାଲସ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ଶ୍ରୀମତୀ ଶୈଫାଲିକା
ପଣ୍ଡାଙ୍କୁ G-20 EMPOWER Working Group on Mentoship ର ଆବାହକ ରୂପେ ତାଙ୍କର ବିଶେଷ ଅବଦାନ
ନିମନ୍ତେ ସମ୍ବର୍ଦ୍ଧିତ କରିବା ଅବସରରେ; ଗାନ୍ଧୀନଗର, ଗୁଜୁରାଟ, ଅଗଷ୍ଟ-୨୦୨୩



ବହୁଲିସାହି, ଜଂସ, ସୁଲିଦାର୍ ପିଲାମାନଙ୍କ ସହିତ ଶ୍ରୀମତି ଶୈଫାଲିକା ପଣ୍ଡା, ନଭେମ୍ବର-୨୦୨୫



ଶ୍ରୀମତୀ ଫ୍ଲୋରେନ୍ସ ସୁସୁଦ୍ବା, ପ୍ରତିଷ୍ଠାତା, INWEGO South Africa, ରାଯ୍ଷ୍ଟନ୍ ବ୍ରାଗାଞ୍ଜା, ମୁଖ୍ୟ କାର୍ଯ୍ୟ ନିର୍ବାହୀ, ଗ୍ରାମିନ୍ କ୍ୟାପିଟାଲ୍ ଓ ଶ୍ରୀମତୀ ଶୈଫାଲିକା ପଣ୍ଡା, G-20 Empower Summit, ଗାନ୍ଧୀ ନଗର, ଗୁଜୁରାଟ, ଅଗଷ୍ଟ-୨୦୨୩



ଶ୍ରୀମତୀ ଆଲିସନ୍ ଏଷ୍ଟେସନ, ମୁଖ୍ୟ, ଏସିଆ ଫାଉଣ୍ଡେସନ ଡାନେଲ୍ ଓ ଶ୍ରୀମତୀ ଶୈଫାଲିକା ପଣ୍ଡା, AVPN Global Conference, ହଂକଂ, ସେପ୍ଟେମ୍ବର -୨୦୨୫



ଦକ୍ଷତା ବିକାଶ ଓ ଜୀବିକା ନିର୍ବାହ ନିମନ୍ତେ BIPF କୁ CSR Universe SICA Award 2025, ନୂଆଦିଲ୍ଲୀ, ସେପ୍ଟେମ୍ବର -୨୦୨୫



ଶ୍ରୀମତୀ ନୈନା ସୁବେରୱାଲ୍ ବାତ୍ରା, ମୁଖ୍ୟ କାର୍ଯ୍ୟନିର୍ବାହୀ, AVPN ଏବଂ ଶ୍ରୀମତୀ ଶୈଫାଲିକା ପଣ୍ଡା, Global Conference , ହଂକଂ, ସେପ୍ଟେମ୍ବର -୨୦୨୫



ଶ୍ରୀଯୁକ୍ତ ଆଶିଷ ଧୱନ, ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ, The Convergnce Foundation, Youth Icon Manya ଏବଂ ଶ୍ରୀମତୀ ଶୈଫାଲିକା ପଣ୍ଡା, 12th Ideate Conclave' ନୂଆଦିଲ୍ଲୀ, ସେପ୍ଟେମ୍ବର -୨୦୨୩



ଶ୍ରୀଯୁକ୍ତ ବିପିନ କୁମାର, ଅତିରିକ୍ତ ସଚିବ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ବିଭାଗ, ଭାରତ ସରକାର, ଶ୍ରୀମତୀ ସିନ୍ଥିଆ ମାକାଫ୍ରେ, ପ୍ରତିନିଧି UNICEF India, ଶ୍ରୀମତୀ ଜ୍ୟୋତି ଭିଜ୍, ମହାନିର୍ଦ୍ଦେଶକ, FICCI ଏବଂ ଶ୍ରୀଯୁକ୍ତ ଶୁଭ୍ରକାନ୍ତ ପଣ୍ଡା, ଦ୍ୱାଦଶ Ideate Conclave, ନୂଆଦିଲ୍ଲୀ, ସେପ୍ଟେମ୍ବର-୨୦୨୩



ଛାତ୍ରଛାତ୍ରୀମାନଙ୍କ ସାଧାରଣ ସଭା, BIPF School, ଚୌଦ୍ୱାର, ଓଡ଼ିଶା, ଏପ୍ରିଲ୍-୨୦୨୩



ଅସରନ୍ତି ସମ୍ପର୍କର ଖିଅ

ଏହି ବହି ସମ୍ପର୍କ ଓ ସଂପୃକ୍ତିର ଏକ ଦସ୍ତାବିଜ । କେବଳ ଯୋଜନା ଓ ପ୍ରକଳ୍ପ ମାନଙ୍କର କ୍ରମିକତା ପାଇଁ ନୁହେଁ, ଏହା ଭରସା, ସାମାଜିକ ପ୍ରତିବଦ୍ଧତା ଏବଂ ସହଭାଗିତା ଆଧାରରେ ସମ୍ଭବ ହୋଇଥିବା ନିରନ୍ତର ପରିବର୍ତ୍ତନର ଏକ ଦଲିଲ ଏବଂ ମୂଲ୍ୟବୋଧ ଭିତ୍ତିକ ପ୍ରଗତିର ସ୍ମୃତିଲିପି । ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ତଥା ତୃଣମୂଳ ସ୍ତରରେ ଭିତ୍ତିଭୂମିକୁ ମଜଭୁତ କରିବାରେ ଆମର ଅଭିଯାନ ଓ ସଂପୃକ୍ତି ଯେତିକି ଘନିଷ୍ଠ ସେତିକି ଅଭିନନ୍ଦନୀୟ । ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ସମ୍ଭାବନା ଓ ସୁଯୋଗକୁ ଆଲିଙ୍ଗନ କରିବାର ଉତ୍ସାହ, ଆଗ୍ରହ ଓ ସାମର୍ଥ୍ୟ ଆମ ପାଇଁ ନିଶ୍ଚୟ ପ୍ରେରଣାଦାୟୀ । ଅତୀତରୁ ଆମର ଶିକ୍ଷା ଏବଂ ବିଗତ ଦିନର ସ୍ମୃତି ଓ ସମ୍ପର୍କ BIPF ର ଆଗାମୀ ଦିନର ଯାତ୍ରା ପାଇଁ ନିରନ୍ତର ଉତ୍ସାହ ହୋଇ ରହିବ । ସହଭାଗିତା ଓ ବିକାଶ କ୍ଷେତ୍ରରେ ଆମର ଉଦ୍ଦେଶ୍ୟ ଓ ପ୍ରତିବଦ୍ଧତା ନୂତନ ଅଧ୍ୟାୟ ସୃଷ୍ଟି କରିବ ।

ଶୈଫାଲିକା ପଣ୍ଡା
ପ୍ରତିଷ୍ଠାତା, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (BIPF)

BANSIDHAR & ILA PANDA FOUNDATION



ସେମାନଙ୍କୁ ସମର୍ପିତ,
ଯେଉଁମାନେ ଆମକୁ ସଂଖୋଳିଲେ, ଆମକୁ ଭରସା ଜଲେ, ପୂତାର ଖିଅ ଧରିଲେ,
ଆବେଗକୁ ରୂପ ଦେଲେ, ଯେଉଁମାନେ ଆମର ଅତୀତକୁ ଇତିହାସ ଓ ଇତିହାସକୁ
ସ୍ମୃତିରେ ରୂପାନ୍ତର ଜଲେ।

ଓଡ଼ିଆ ଅନୁବାଦ: ଡ଼ଃ ଶକ୍ତି ପ୍ରସନ୍ନ ମହାନ୍ତି

Copyright © 2026 Indian Metals and Ferro Alloys Ltd (IMFA).
All rights reserved.

imfa

BANSIDHAR & ILA PANDA FOUNDATION

ଏକ ସାର୍ଥକ ପ୍ରୟାସ ଯାହା ବାସ୍ତବତାକୁ ବୁଝେ,
ଉନ୍ମେଷ ଆଣେ ଓ ରୂପାନ୍ତରକୁ ନିଜର କରେ।

IMFA Building, Bhubaneshwar - 751010, Odisha, India.

+91 674 2611000 mail@bipf.org.in www.bipf.org.in

www.facebook.com/BIPFOdisha/ @BIPF_Odisha @bipf_odisha

@bansidharilapandafoundation